"The Survey and Settlement of the Gangpore Feudatory State will be commenced in October of this year. Candidates for the posts of Ameens and Inspectors should submit their applications together with copies of testimonials to the undersigned at once.

J. A. CRAVEN,
Dewan of Gangpur State,
Sundargarh P. O.
Via Jharsugra B. N. R.

## WANTED

(1) A Sub-Inspector of vaccination. Salary Rs. 25 per mensem. None need apply who has not passed the Final Deploma Examination of the Cuttack Medical School.

(2) A compounder on a salary of Rs. 12 per mensem. Preference will be given to one who has passed the Compoundership Examination. Apply before 31st August 1907.

Office of the Superintendent Naysgarh 29—7—07. } G. S. Mahanty, Superintendent Nayagarh State, District Puri Orissa.

## ADVERTISEMENT.

Applications are invited for a post in the Superior (Revenue-Judicial) Service in the Mourbhanj state. Intending candidates must be (1) Graduates or Graduates in Law and (2) under 30 years of age. Preference will be given to an Uriya. The service in the State is pensionable. The candidate-elect will have to submit to a Medical examination by the Chief Medical Officer of the State. His initial pay would be Rs. 130- rising by biennial increments according to the rules of the State Service Regulations. Applications stating age, qualifications (riding if known), and certificates of character to reach the undersigned by the 15th August 1907

P. M. Mukherji,
Secretary to the Chief of Mourbhanj.
31-7-07

Split by PDF Splitter

Digitized by srujanika@gmail.com

Split by PDF Splitter




# ବିଜ୍ଞାପନ ।

( କୁଷ୍ଠରୋଗର ଅବ୍ୟର୍ଥ ମହୌଷଧ )

ହତାଶ ହେବେ ନାହିଁ ।

(୧) ଏହି ମହୌଷଧ ଅମ୍ଭେ ଏଠାରେ ଅନେକ ବ୍ୟକ୍ତିଙ୍କୁ ବ୍ୟବହାର କରାଇ ଦେଖିଅଛୁ ଏଥିରେ ଏକମାସ ମଧ୍ୟରେ ରୋଗର ଅନେକ ଉପଶମ ହୋଇଅଛି । କୁଷ୍ଠରୋଗ ଯାହା ଯେ କୌଣସି ପ୍ରକାରରେ ରକ୍ତ ଦୂଷିତ ହେଉ ନା କାହିଁକି ଓ ସାର ବନ୍ଧା ଗର୍ମୀ ଦେଖମ ହେଉ ରକ୍ତ ଦୂଷିତ ହୋଇ ଥିଲେ ଏହା ବ୍ୟବହାରରେ ଅତି ଆଶ୍ଚର୍ଯ୍ୟଜନକ ଉପକାର ହୋଇଥାଏ । ଔଷଧ ସଙ୍ଗେ ବ୍ୟବସ୍ଥା ପତ୍ର ଓ ପ୍ରଣାଳୀ ପତ୍ର ପ୍ରେରଣ ହୁଏ । ଥରେ ମାତ୍ର ପରୀକ୍ଷା ପ୍ରାର୍ଥନୀୟ ।

ପ୍ରତ୍ୟେକ ୪ ଅଃ ଶିଶିର ମୂଲ୍ୟ ଟ ୨ ଲା

ଭିଃ ପିଃ ସ୍ୱତନ୍ତ୍ର ।

(୨) — ଯାଦୁର ଅବ୍ୟର୍ଥ ମଲମ୍ଃ—

ଯେ କୌଣସି ପ୍ରକାର ଯାଦୁ ହେଉ ନା କାହିଁକି ଏହି ମଲମ ଥରେ ମାତ୍ର ବ୍ୟବହାର କଲେ ୨୪ ଘଣ୍ଟା ମଧ୍ୟରେ ତାହାର ଉପକାରିତା ଭଲ ଜାଣି ପାରିବେ । ଏହି ଔଷଧ ବ୍ୟବହାରରେ କୌଣସି ଜ୍ୱାଳା ଯନ୍ତ୍ରଣା ବୋଧ ହେବ ନାହିଁ । ଏଥିରେ କୌଣସି ବିଷାକ୍ତ ପଦାର୍ଥ ନାହିଁ । ଏହା ଅନେକ ଲୋକଙ୍କଦ୍ୱାରା ପରୀକ୍ଷିତ ଓ ପ୍ରଶଂସିତ ।

ବିଜ୍ଞାପନର ଅଭିମତର ବାହୁଲ୍ୟ ମାତ୍ର ।—

ପ୍ରତ୍ୟେକ ଏକକୌଟାର ମୂଲ୍ୟ ଟ ।•

ଭିଃ ପିଃ ସ୍ୱତନ୍ତ୍ର ।

ଶ୍ରୀ ବନୋଦବିହାରୀ କର

ଗବର୍ଣ୍ଣମେଣ୍ଟ ମେଡ଼ିକେଲ ଉପାଧିପ୍ରାପ୍ତ

ପ୍ରେଷ୍ଟ୍ରେରି ମେଡିକେଲ୍ ହଲ ବାଲେଶ୍ୱର

ବାପ୍ର ୰ନାରାୟଣ ଦାସଙ୍କ କୃତ ।



# ଅତି ଉତ୍କୃଷ୍ଟ ମହାପୁରାଣ ଗ୍ରନ୍ଥ ।

ମହର୍ଷି ବେଦବ୍ୟାସଙ୍କ କୃତ ବ୍ରହ୍ମବୈବର୍ତ୍ତ ମହାପୁରାଣ ବ୍ରହ୍ମ ଓ ପ୍ରକୃତି ଖଣ୍ଡ ଉତ୍କଳ ଅକ୍ଷରରେ ଛପା ହୋଇ ଏହି ଦିନେ ବାହାର ହୋଇଅଛି । ବର୍ତ୍ତମାନ ସେ ପୁରାଣର ଅବଶିଷ୍ଟ ଗଣପତି ଖଣ୍ଡ ଛପା ଶେଷ ହୋଇ ବାନ୍ଧିବା ହେଉଅଛି । ଯେଉଁମାନେ ଉକ୍ତ ମହାପୁରାଣ ଗ୍ରନ୍ଥ କେବଳ ଇଚ୍ଛା କରିବେ ସେମାନେ କଟକ ପ୍ରିଣ୍ଟିଂକୋମ୍ପାନୀଠାରୁ ଉପରେ ଲେଖା ବମ୍ବ ଅନୁଯାୟୀ ପୁନଃ ଲେଖିଲେ ପାଇ ପାରିବେ ଯେଉଁମାନେ ଏକକାଳୀନ ଖ ୧୦ ଖଣ୍ଡ ଗ୍ରନ୍ଥ ନେବେ ସେ କୌଣସି ଭାଗରୁ ନେବାର ଇଚ୍ଛା କରନ୍ତି ଅଗ୍ରିମ ଟଙ୍କା ପଠାଇବେ ସେମାନଙ୍କୁ ସେହି ଭାଗରୁ ଏକ ଖଣ୍ଡ ବହି ବିନା ମୂଲ୍ୟରେ ଅମ୍ଭେ ପୁରସ୍କାର ଦେବୁ । ବିଶେଷତଃ ଯେଉଁମାନେ ସ୍ୱ-ମିଲଙ୍କୁ ଗଣେଶ ପୂଜା କରୁଅଛନ୍ତି ସମାଜ ପୂଜା, ହୋମଯଜ୍ଞ, ଯୋଗ, ମନ୍ତ୍ର, କବଚାଦ ଏ ଗ୍ରନ୍ଥରେ ବିଶେଷ ଥିବାରୁ ଗଣପତିଖଣ୍ଡ ମହାପୁରାଣ ଅତି ଆଦରଣୀୟ । ବହି ଭିଃ ପିଃ ଯୋଗରେ ପଠାଇବ ତାହାର ଡାକମାସୁଲ ଭାର ଗ୍ରାହକଙ୍କ ହେବ ।

ବ୍ରହ୍ମବୈବର୍ତ୍ତମହାପୁରାଣବ୍ରହ୍ମଖଣ୍ଡ ମୂଲ୍ୟ ପ ୧ କୁ ଟ ୧।

ପ୍ରକୃତିଖଣ୍ଡ ପ ୨ ବ ଟ ୨(

ଗଣପତିଖଣ୍ଡ ପ ୧ ୨ ଟ ୧।

୫।୭।୦୭ } ଶ୍ରୀ ରଘୁନାଥ ଘୋଷ
ହିଲ ବାଖରାବାଦ କଟକ



# ମେଘଦୂତ

ଅମରକବି, କାଳିଦାସଙ୍କ କୃତ ମୂଳ ସଂସ୍କୃତ ଓ ତାହାର ଗଦ୍ୟାର୍ଥ ସହିତ ମୁଦ୍ରିତ ହୋଇ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

ମୂଲ୍ୟ ଟ ।୵

ମୋଫସଲ ପାଇଁ ଡାକମାସୁଲ ଟ ୦ ୧ ୬

# ଅଧ୍ୟାତ୍ମଗୀତା

ପ୍ରଥମ ସଂସ୍କରଣ ।

ଭକ୍ତକବି ଚନ୍ଦ୍ରମଣିଦାସଙ୍କଦ୍ୱାରା ସରଳ ଉତ୍କଳ ଭାଷାରେ ରଚିତ । ଏଥିରେ ଶାସ୍ତ୍ରତତ୍ତ୍ୱ ଓ ବ୍ରହ୍ମଜ୍ଞାନ ବିଷୟ ଉତ୍ତମରୂପେ ବର୍ଣ୍ଣିତ ହୋଇ ଅଛି । ଏହାକୁ ଆଦ୍ୟନ୍ତ ପାଠ କଲେ ନିଶ୍ଚୟ ବୈରାଗ୍ୟ ଜାତ ହେବ । କଟକ ପ୍ରିଣ୍ଟିଂ କମ୍ପାନୀ ପୁସ୍ତକାଳୟରେ ପ୍ରାପ୍ତବ୍ୟ । ପ୍ରତ୍ୟେକ ଖଣ୍ଡର ମୂଲ୍ୟ ଡାକ ସହିତ ଟ ୦୩ ମାତ୍ର ।



# ହରିବଂଶ ମହାପୁରାଣ

ଯେ ହରିବଂଶ ଓଡ଼ିଶାରେ ବହୁକାଳରୁ ପରି-ଚିତ ହିନ୍ଦୁମାନେ ଅଭୀଷ୍ଟ କାମନା କରି ଭକ୍ତି ଓ ବିଶ୍ୱାସପୂର୍ବକ ଏହାକୁ ପଠନ ଓ ଶ୍ରବଣ କରି ବାଞ୍ଛିତ ଅଭିଲଷିତ ଫଳ ପ୍ରାପ୍ତ ହୁଅନ୍ତି, ତାହାର ବିଶେଷ ପରିଚୟ ଦେବା ନିଷ୍ପ୍ର-ୟୋଜନ । ଅନେକ ଯତ୍ନ ଓ ପରିଶ୍ରମସହ ଉକ୍ତ ହରିବଂଶ ମୁଦ୍ରିତ ହୋଇଅଛି ସୁଲଭମୂଲ୍ୟ ଟ ୧୲ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି । ଡାକମାସୁଲ ସ୍ୱତନ୍ତ୍ର

# ଗରୁଡ଼ ପୁରାଣ

ମହର୍ଷି କୃଷ୍ଣଦ୍ୱୈପାୟନ ବେଦବ୍ୟାସ ବିରଚିତ ।

( ମୂଳ ସଂସ୍କୃତ ଗ୍ରନ୍ଥରୁ ପଦ୍ୟାନୁବାଦିତ । )

ଏହି ପୁରାଣ ଅଷ୍ଟାଦଶପୁରାଣ ମଧ୍ୟରେ ଅନ୍ୟତମ ଉତ୍କୃଷ୍ଟ ପୁରାଣ । ଏଥିରେ ନାନା ଉପାଖ୍ୟାନ, ଧର୍ମକଥା ଓ ଅର୍ଥନୀତି, ପରଲୋକ-ତତ୍ତ୍ୱ, ପ୍ରେତପୁରର କଥା, ପ୍ରେତଦେହ, ପ୍ରେତ-ତତ୍ତ୍ୱ ଏବଂ ଶାନ୍ତିଫଳ, ପ୍ରଭୃତି ବିବିଧ ରସ ବର୍ତ୍ତମାନ ଏ ଗ୍ରନ୍ଥରେ ବର୍ଣ୍ଣିତ ହୋଇଅଛି ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହୁଅଇ ।

ମୂଲ୍ୟ ଟ ୦ ଏ ଡାକମାସୁଲ ସ୍ୱତନ୍ତ୍ର



# କଳ ବିକ୍ରୟ ।



Singer's sewing machines.

( ସିଙ୍ଗର ସିଲାଇ କଳ )

୧ । ଯେବେ ତୁମ୍ଭେ ସଭ୍ୟତା ଉନ୍ନତ କରିବା ସକାଶେ ଇଚ୍ଛା
୨ । ଯେବେ ଦେଶର ଦାରିଦ୍ର୍ୟ ମୋଚନ କରିବା ସକାଶେ ଇଚ୍ଛା
୩ । ଯେବେ ନିଜର ପରିବାରର ସୁନ୍ଦର ପୋଷାକ ତିଆର କରିବାକୁ ଇଚ୍ଛା
୪ । ଯେବେ ନିଜର ସ୍ତ୍ରୀମାନଙ୍କୁ ପ୍ରୟୋଜନୀୟ ଗୃହକର୍ମରେ ନିଯୁକ୍ତ ଦେଖିବାକୁ ଇଚ୍ଛା
୫ । ଯେବେ ନିଜର ଜୀବିକା ନିର୍ବାହ କରିବାକୁ ଇଚ୍ଛା ହେବେ ଆମ୍ଭମାନଙ୍କର ଜଗଦ୍ବିଖ୍ୟାତ "ସିଙ୍ଗର ସିଲାଇକଳ" ନଗଦ କିମ୍ବା କିସ୍ତିରେ କିଣ! ଆମ୍ଭେମାନେ ପରିବାରବର୍ଗ ସକାଶେ, ଦର୍ଜିମାନଙ୍କ ସକାଶେ ଏବଂ ବେପାରୀମାନଙ୍କ ସକାଶେ ଏହା ସଦାସର୍ବଦା ରଖିଥାଉ ।

ଠିକଣା :—

THE SINGER MANUFACTURING Coy.

District Office:—VIZAGAPATAM

Subs:—Berhampur (Ganjam) Bezwada, Coconada, Guntur, Cuttack and Nellore

"ଦ ସିଙ୍ଗର ମାନୁଫାକ୍ଚରିଂ କୋଂ ଡିଷ୍ଟ୍ରିକ୍ଟ ଅଫିସ ଭିଜାଗାପାଟାମ

ସବ୍ଅଫିସ ବରହମପୁର ଗଞ୍ଜାମ ଜିଲା, ବେଜୱାଡା, କୋକନଦା, ଗଣ୍ଟୁର, କଟକ, ନେଲୋର

[ ଭାରତବର୍ଷ, ବରମା, ଏବଂ ସିଲୋନରେ ଅମ୍ଭମାନଙ୍କର ୧୦୦୪ ଶାଖା ଅଛି ]


Digitized by srujanika@gmail.com

Split by PDF Splitter




## NOTICE.

Wanted a clerk on Rs. 20 per month with free quarters for the office of the undersigned. The candidates should have possessed a fair knowledge in English and P. W. D. works, Plans and Estimates. Applications with copies of testimonials will be received by the undersigned up to 30th August, 1907— to the following adress.

ADRESS
Babu Ghanshyam Swine
P. W. D. Contractor
Angul ( Orissa )
8—8—07.

## ବିଜ୍ଞାପନ ।

ଖୋରଧା ଖାସମହାଲ ଅନ୍ତର୍ଗତ ବାଣପୁର, ଖୋରଧା ଓ ଟାଙ୍ଗିମାଳ ଜଙ୍ଗଲ ଅଞ୍ଚଳ ଓ ତାହାର ଜଙ୍ଗଲରେ ଥିବା କମଳାଗୁଣ୍ଡି ଓ ହୋଟଙ୍ଗ ଫଳମାନ ସଂଗ୍ରହ କରିବା ଅଧିକାର ଆଗାମୀ ଅକ୍ଟୋବର ମାସ ତା ୨୪ ଦିନରେ ଖୋରଧା ମୁକାମ ଫରେଷ୍ଟ ଅଫିସଠାରେ ନିଲାମ ହୋଇଯିବ । ଫରେଷ୍ଟ ଡିଭିଜନ ଅଫିସରଙ୍କୋଠ କମ୍ପା । କୌଣସି ନିଲାମ ଡାକ ମଞ୍ଜୁର କରିବାକୁ ବାଧ ନୁହନ୍ତି ।

ଖୋରଧା
୧।୮।୦୭

R. G. A. Hannah.
Divisional
Forest Officer,
Puri Division.

## କର୍ମଖାଲି ।

ଶ୍ରୀ ରାଧାକୃଷ୍ଣବିଳାସ ପ୍ରୋଭେଡେଣ୍ଟ କୋମ୍ପାନି ଲିମିଟେଡ଼ ପୁରୀର ନୂତନ ଛାପାଖାନା ସକାଶେ ନିମ୍ନଲିଖିତ କର୍ମଚାରୀମାନେ ଆବଶ୍ୟକ ଅଛନ୍ତି । ଯେଉଁମାନେ ଛାପାଖାନା କାର୍ଯ୍ୟରେ ଅଭିଜ୍ଞ ସେମାନଙ୍କର ଆବେଦନ ସର୍ବାଗ୍ରେ ଗୃହୀତ ହେବ । ଦରଖାସ୍ତମାନ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ଚଳିତମାସ ତା ୧୫ ରିଖ ପୂର୍ବରୁ ପହଞ୍ଚିବା ଆବଶ୍ୟକ । ଆବେଦନପତ୍ରରେ ସେ ଯେଉଁ ଭାଷାରେ କମ୍ପୋଜ ଜାଣନ୍ତି ତାହା ଲେଖାଥିବା ବାଞ୍ଛନୀୟ ।

୧ । ମାସିକ ୨୮ଙ୍କା ( ଅଠଟଙ୍କା ) ବେତନରେ ଦୁଇଜଣ କମ୍ପୋଜିଟର ।

୨ । ମାସିକ ୭ଟଙ୍କା ( ସାତଟଙ୍କା ) ବେତନରେ ଦୁଇଜଣ କମ୍ପୋଜିଟର ।

୩ । ମାସିକ ୬ଟଙ୍କା ( ଛଟଙ୍କା ) ବେତନରେ ଦୁଇଜଣ କମ୍ପୋଜିଟର ।

୪ । ମାସିକ ୮ଟଙ୍କା ( ଅଠଟଙ୍କା ) ବେତନରେ ଏକଜଣ କପିଷ୍ଟ ।

୫ । ମାସିକ ୮ଟଙ୍କା ( ଅଠଟଙ୍କା ) ବେତନରେ ଏକଜଣ ପ୍ରେସମ୍ୟାନ ।

ଶ୍ରୀ ରାଧାକୃଷ୍ଣବିଳାସ ପ୍ରୋଭେଡେଣ୍ଟ କୋମ୍ପାନି ଲିମିଟେଡ଼ ପୁରୀ ତା ୪।୮।୦୭

B. N. Sinha
Manager.


## କୂଳଦୀପିକା ।

ଶିବପୁର ସିଭିଲ, ଇଞ୍ଜିନିୟରିଂ କଲେଜର ପ୍ରିନ୍ସିପାଲ ଇସ୍ତଫା ଦେଇଅଛନ୍ତି ଓ ଗବର୍ଣ୍ଣମେଣ୍ଟ ନିର୍ଦ୍ଧାରଣ କରିଅଛନ୍ତି ଯେ ସେହି କଲେଜର କୃଷିଶିକ୍ଷା ଶ୍ରେଣୀରେ ଆଉ କେହି ଭରତି ହେବେ ନାହିଁ । ଯେଉଁ ଛାତ୍ରମାନେ ବର୍ତ୍ତମାନ ପଢ଼ୁଅଛନ୍ତି ସେମାନଙ୍କର ଶିକ୍ଷା ସନ ୧୯୦୮ ସାଲ ନବେମ୍ବର ମାସରେ ଶେଷ ହେବ ।

ଗତ ମାସ ତା ୨୭ ରିଖରେ ଶେଷ ହେବା ସପ୍ତାହରେ ବଙ୍ଗପ୍ରଦେଶରେ ଦୁର୍ଭିକ୍ଷ ସାହାଯ୍ୟ ପାଇବା ବ୍ୟକ୍ତିଙ୍କ ସଂଖ୍ୟା ପୂର୍ବ ସପ୍ତାହଠାରୁ ୨୪୭୩ ଊଣା ହୋଇ ୧୩୦୨୩ ରେ ରହିଥିଲା । ଚାଉଳର ଦର ପୂର୍ବପରି ଚଢ଼ା ରହିଅଛି । ବୋଧ ହୁଏ କୃଷି କାର୍ଯ୍ୟରେ ମୂଲିଆମାନେ ଲାଗିଥିବାରୁ ସରକାରୀ ସାହାଯ୍ୟ ଲୋଡ଼ିବାର ଆବଶ୍ୟକ ହୋଇ ନାହିଁ ।

ଗତ ମାସ ତା ୨୭ ରିଖରେ ଶେଷ ହେବା ସପ୍ତାହରେ ଭାରତରେ ପ୍ଲେଗ ରୋଗ ମୃତ୍ୟୁ ସଂଖ୍ୟା ଥିଲା । ତହିଁ ପୂର୍ବ ସପ୍ତାହର ଅଙ୍କ ୨୨୭୦ ଥିଲା ଓ ତହିଁ ପୂର୍ବ ଦେଡ଼େ ସପ୍ତାହରୁ କ୍ରମାଗତ ଊଣା ପଡ଼ିଆସୁଥିଲା ଏଥିରୁ ଭୟ ହେଉଅଛି ଯେ ପୁଣି ଏ ରୋଗର ପ୍ରକୋପ ବୃଦ୍ଧି ଦିଗକୁ ଚାଲିଅଛି । ବର୍ଣ୍ଣିତ ସପ୍ତାହରେ ବମ୍ବେଇ, ମାନ୍ଦ୍ରାଜ, ପଞ୍ଜାବ ଓ ମହୀଶୂରରେ ବୃଦ୍ଧି ହୋଇଥିଲା ଯେ ତହିଁ ମଧ୍ୟରେ ବମ୍ବେଇ ଓ ପଞ୍ଜାବର ବୃଦ୍ଧି ଧର୍ତ୍ତବ୍ୟ ଅଟେ ।

ବଙ୍ଗପ୍ରଦେଶର ଇନ୍‌କମ୍‌ଟିକସ୍‌ର କର୍ତ୍ତ ଅସ୍ତୁ ସନ ୧୯୦୬।୦୭ ରେ ପ୍ରାୟ ୪୫ ଲକ୍ଷ ଟଙ୍କାରୁ ସନ ୧୯୦୭।୦୮ ସାଲରେ ୪୭ ଲକ୍ଷ ହୋଇଥିଲା ଅର୍ଥାତ୍ ଦୁଇଲକ୍ଷ ଟଙ୍କା ବଢ଼ିଥିଲା । ଏହା ସରକାରଙ୍କର କପାଳ କମ୍ପା ଅଫିସରମାନଙ୍କର କାତରଣ ପାଠକମାନେ ଠିକ କରନ୍ତୁ । ତାହାର ନିମ୍ନ ଅଧିକାଂଶ ଲୋକଙ୍କୁ ବାଧ୍ୟବାଧ୍ୟରେ ଅସ୍ତୁତର ବୃଦ୍ଧି ହେବା ବଡ଼ କଥା ନୁହେଁ କି ? ଅଥବା ଅନ୍ନ କାଳି ଟଙ୍କା ଶସ୍ତା ହୋଇଥିବାସ୍ଥଳେ ଆଉ ଅଧିକ ଦକ୍ଷିଣ ସୁଭିକ୍ଷଂ ଆସୁକଳି ଖବର ବଢ଼ିତା ତଥା ବୁଝିବାର ଦରକାର ନାହିଁ ।

ଯୁଗାନ୍ତର ପତ୍ରିକାର ଦଣ୍ଡ ଉଠାରୁ କଲିକତାର ଅନ୍ୟ ଏକ ଇଂରାଜୀ ସମ୍ବାଦ ପତ୍ର ବନ୍ଦେମାତରମ୍ ଉପରେ ଗବର୍ଣ୍ଣମେଣ୍ଟଙ୍କର କୋପଦୃଷ୍ଟି ପଡ଼ିବାର ଜଣାଯାଏ । ଗତ ପୂର୍ବ ମଙ୍ଗଳବାର ଅପରାହ୍ଣଠାରୁ ରାତ୍ରି ଘ ୧୧ ଘା ପର୍ଯ୍ୟନ୍ତ ପୁଲିଶଦଳ 'ବନ୍ଦେମାତରମ୍' କାର୍ଯ୍ୟାଳୟରେ ପ୍ରବେଶ କରି ତଲାସ କରୁଥିଲେ । ଅନେକ କାଗଜପତ୍ର ଖୋଜ ନେଇ ଯାଇଅଛନ୍ତି । ରାଜଦ୍ରୋହ ଘଟିତ କ କାଗଜପତ୍ର ପାଇଅଛନ୍ତି ଜଣା ନାହିଁ ସମ୍ଭବତଃ ଶୀଘ୍ର ସେହି ପତ୍ରିକା ନାମରେ ରାଜବିଦ୍ୱେଷ ଅଭିଯୋଗରେ ମୋକଦମା ଉପସ୍ଥିତ ହେବ ଓ ତେତେବେଳେ ସକଳ କଥା ଜଣା ପଡ଼ିବ ।

କଲିକତାର ବଡ଼ଡିଗ୍ରାମ ଉଇଭିଦ୍ୟାଳୟର ଗତ ଜୁନ ମାସର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରମାନଙ୍କର ଯେଉଁ ତାଲିକା ବାହାରିଅଛି ତହିଁରେ କେତେଜଣ ଭାରତୀୟ ଛାତ୍ରଙ୍କର ଉଲ୍ଲେଖ ଅଛି । ଯଥା ପଞ୍ଜାବ ଗବର୍ଣ୍ଣମେଣ୍ଟର ବୃତ୍ତିଧାରୀ ଅବଦୁଲ ହାଫିଜ ଏବଂ ବଙ୍ଗ ଗବର୍ଣ୍ଣମେଣ୍ଟର ବୃତ୍ତିଧାରୀ ସତୀଶଚନ୍ଦ୍ର ଦେ ଜଣା ତଦ୍‌ୟାରେ ବି, ଏସ୍ ସି, ଉପାଧି ପାଇଅଛନ୍ତି । ଶିବପୁରର ୨ୟ ପରୀକ୍ଷାରେ ଅନ୍ତଃମୋହନ ସେନ ପ୍ରଥମ ଶ୍ରେଣୀ ଏବଂ ସିଭିଲ ସାର୍ଭିସକୁ ୨ୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ଏମାନେ ମଧ୍ୟ ବଙ୍ଗ ଗବର୍ଣ୍ଣମେଣ୍ଟର ବୃତ୍ତିଧାରୀ ଛାତ୍ର ଅଟନ୍ତି ।

ସନ ୧୯୦୬ ସାଲରେ ଭାରତର ରେଲୱେସମୂହରେ ନାନାପ୍ରକାର ଦୁର୍ଘଟଣାରେ ୧୨୮୧ ଜଣ ହତ ଓ ୧୮୨୧ ଜଣ ଆହତ ହୋଇଥିଲେ । ତହିଁ ପୂର୍ବବର୍ଷର ଅଙ୍କ ଯଥାକ୍ରମେ ୧୩୮୫ ଓ ୧୨୯୩ ଥିଲା । ବର୍ଣ୍ଣିତବର୍ଷର ମୋଟ ହତ ଓ ଆହତଙ୍କ ମଧ୍ୟରୁ କେବଳ ରେଲଗାଡ଼ି, କଳ ଓ ବାଟର ଦୁର୍ଘଟଣା ଯହିଁରେ ଯାତ୍ରୀଙ୍କର ଜୀବନ ରକ୍ଷାର ଉପାୟ ନ ଥିଲା ତହିଁରେ ୫୯ ଜଣ ହତ ଓ ୩୨୪ ଜଣ ଆହତ ହୋଇଥିଲେ । ଭାରତ ଗବର୍ଣ୍ଣମେଣ୍ଟ ଏହି ଅଙ୍କମାନ ଧରି କୋଟି ରେଲଯାତ୍ରୀ ମଧ୍ୟରେ ଏତିକ ଦୁର୍ଘଟଣା ଅଧିକ ନୁହେଁ ବୋଲି କହୁଅଛନ୍ତି ।

ସରକାରୀ ଖବରଣୀରୁ ପ୍ରକାଶ ଯେ ଗତ ତା ୧ ରିଖରେ ଶେଷ ହେବା ସପ୍ତାହରେ ବରମା, ଯୁକ୍ତପ୍ରଦେଶ, ମଧ୍ୟପ୍ରଦେଶର କେତେକ ସ୍ଥାନରେ ଉତ୍ତମ ବୃଷ୍ଟି ହୋଇଥିଲି ଏବଂ ତଦ୍ଦ୍ୱାରା ସେ ସବୁ ସ୍ଥାନର ଜଳକଷ୍ଟ ଦୂର ଯାଇଥିଲେହେଁ ଅନେକ ସ୍ଥାନରେ ଜାଅଧ ଥିଲା । ବିଶେଷତଃ ଉତ୍ତର-ଗୁଜରାତ, ବରାରର ପଶ୍ଚିମଭାଗ ଏବଂ ଛୋଟନାଗ

Digitized by srujanika@gmail.com

ସ୍ଥଳରେ ଅଧିକ ନାଅଣ୍ଟ ଥିଲା । ମାତ୍ର ତହିଁ ଉତ୍ତାରୁ ଅର୍ଥାତ୍ ଗତ ତା ୩ ରଖରେ ଭାରତର ପଶ୍ଚିମ ଓ ଦକ୍ଷିଣ ଭାଗରର ଅଧିକାଂଶ ସ୍ଥାନରେ ସାଧାରଣ ପ୍ରକାର ବୃଷ୍ଟି ହୋଇଥିବାର ସରକାରୀ ତାର ସମ୍ବାଦ ବାହାରିଅଛି ।

---

ହିନ୍ଦୁ ପେଟ୍ରିଅଟରେ ପ୍ରକାଶିତ ବିଲାତର ଏକ ପତ୍ରରେ ଲେଖାଅଛି କି ଶ୍ରୀଯୁକ୍ତ ଏମ୍, ଏସ୍, ଦାସ ସି, ଆଇ, ଇ, ବଙ୍ଗୀୟ ବ୍ୟବସ୍ଥାପକ ସଭାର ଜଣେ ଭୂତପୂର୍ବ ସଦସ୍ୟ ଲଣ୍ଡନର ଇଷ୍ଟ ଇଣ୍ଡିଆ ଆସୋସିଏସନ ନାମକ ସମିତିର ଏକ ଅଧିବେଶନରେ ଭାରତୀୟ ଶିଳ୍ପ ବ୍ୟବସାୟ ସମ୍ବନ୍ଧରେ ଏକ ରଚନା ପାଠ କରିବେ । ସର୍ ଜର୍ଜ ବର୍ଡଉଡ୍ ଏହି ଅଧିବେଶନରେ ସଭାପତି ହେବେବୋଲି ଅନୁମାନ ହୁଏ । ଦାସ ମହାଶୟ ଓଡ଼ିଶା ଶିଳ୍ପଶାଳାର ଉନ୍ନତିରେ ଅନେକ ପରିଶ୍ରମ, ସମୟ ଓ ଅର୍ଥବ୍ୟୟ କରିଅଛନ୍ତି । ତାହାଙ୍କ ରଚନା ମୂଲ୍ୟବାନ୍ ହେବବୋଲି ପତ୍ରପ୍ରେରକ ଆଶା କରନ୍ତି ।

---

ସରକାରୀ ଏକଅଣୀ ମୁଦ୍ରା ବାହାରିବାର ଅନେକଦିନରୁ ଶୁଣାଯାଉଥିଲା । ସମ୍ପ୍ରତି ସେହି ଏକଅଣୀ ଟଙ୍କଶାଳରୁ ବାହାରିଅଛି ଏବଂ [illegible] ସମ୍ପାଦକଙ୍କୁ ସରକାର ନେହେଣ୍ଟା ଲେଖାଏଁ ଉପହାର ଦେଇଅଛନ୍ତି । ଏହା ନିକେଲ ନାମକ ଧାତୁରେ ନିର୍ମିତ ଏବଂ ଏହିମାସ ଆରମ୍ଭରୁ ପ୍ରଚଳିତ ହେବାର ଶୁଣାଯାଏ । ନିକଟରେ ଏହାର ରୂପ ଦେଖିବାର ଆଶାକରୁଁ । ଏହାଦ୍ୱାରା ଚାଲିବାରେ ସୁବିଧା ହେବ ଓ ପଇସାର ବ୍ୟବହାର ହ୍ରାସପାଇବ ସନ୍ଦେହ ନାହିଁ । ଅନ୍ୟଦିଗରେ ଏକ ପଇସା-ସ୍ଥଳେ ଏକଅଣା ଦେବାଦ୍ୱାରା ଲୋକେ ସ୍ଥଳେ ଖରଚକରିବା ମଧ୍ୟ ଅସମ୍ଭବ ନୁହେ ।

---

ଗତ ଉତ୍କଳବାସୀରେ ଶ୍ରୀଯୁକ୍ତ ବୈଦ୍ୟନାଥ ମିଶ୍ର ଗଞ୍ଜାମ ଓଡ଼ିଆ ରାଜବୃତ୍ତି ଫଣ୍ଡର ହିସାବ ପ୍ରକାଶ କରାଇଅଛନ୍ତି । ତହିଁରୁ ଅବଗତ ହେଲୁଁ ଯେ ସେହି ଫଣ୍ଡରେ ଏପର୍ଯ୍ୟନ୍ତ ଚନ୍ଦାଦ୍ୱାରା ଟ ୧୫୧୬୷ ଜମା ହୋଇଅଛି ଏବଂ ତହିଁମଧ୍ୟରୁ ଟ ୫୬୫୩ ଖରଚ ଯାଇ ଟ ୯୫୦୧ ଙ୍କା ସେଭିଙ୍ଗ ବାଙ୍କରେ ଜମା ଓ ଅବଶିଷ୍ଟ ସମ୍ପାଦକଙ୍କ ହାତରେ ଅଛି । ବିସ୍ତୃତ ସଂକ୍ଷେପ ବିବରଣ ଅର୍ଥାତ୍ କି ପ୍ରକାର କେଉଁ ଖାତରୁ ବୃତ୍ତି ଦିଆଯାଉଅଛି କେଉଁମାନେ ଦାୟକ ଓ ଆଦାୟ ନିୟମମାନ ଜନସାଧାରଣଙ୍କୁ ଜଣାଇ ହେବା ଉଚିତ । ତହିଁରୁ ଫଣ୍ଡର ଉପକାରିତା ବୁଝି ଲୋକେ ଅଧିକ ପୁଷ୍ଟି ସାଧନରେ ସାହାଯ୍ୟ କରିବେ ।

---

ବର୍ମାପ୍ରଦେଶରେ ବହୁତ ବାଉଁଶବଣ ଅଛି । ବାଉଁଶ କୁଟି ତହିଁର କୋମଳପଦାର୍ଥରେ କାଗଜ ତିଆର ହେବାକଥା ଭାରତ ଗବର୍ଣ୍ଣମେଣ୍ଟ ଜଣେ ଉପଯୁକ୍ତ କର୍ମଚାରୀଦ୍ୱାରା ପରୀକ୍ଷା କରି ବୁଝି ବର୍ତ୍ତମାନ୍ ବିଜ୍ଞାପନ ଦେଇଅଛନ୍ତି କି ଯେଉଁମାନେ କାଗଜ ପ୍ରସ୍ତୁତ କରିବା କାରଣ ବଣମାନେ ବାଉଁଶ କାଟିବେ ସେମାନେ ସ୍ଥାନୀୟ ଗବର୍ଣ୍ଣମେଣ୍ଟଙ୍କ ନିକଟରେ ଆବେଦନ କରିବେ । ତା ୨୧ ଶେ ପର୍ଯ୍ୟନ୍ତ ରାଜସ୍ୱ ଛାଡ଼ି ଦିଆଯିବ ମାତ୍ର ବ ୬ ଷ ଉତ୍ତାରୁ ଟନ (ମ ୨୭ ହଣ) କୁ ଟା-ହୁଦ୍ୟପ୍ରତି ଏକଟଙ୍କା ଲେଖାଏଁ କର ଦେବାକୁ ହେବ । ଏହାଦ୍ୱାରା କାଗଜ ପ୍ରସ୍ତୁତ ବ୍ୟବସାୟର ଉନ୍ନତି ଏବଂ ଭାରତର ମଙ୍ଗଳହେବାର ଆଶା ହୁଏ ।

---

କ୍ୟୋଟର ଦର ଗତବର୍ଷରୁ ଏ ସମୟରେ ଏହି କଲିକତାରେ ଟ ୬୦ ଙ୍କା ହୋଇଥିଲା । ଏଥର ଟ ୫୦ ଙ୍କା ହୋଇଅଛି ଏବଂ ଏହିପରି ଉଣା ଦର ରହିବାର ଅନୁମାନ ହୁଏ । ଏଥରୁ "କେପିଟାଲ" ସମ୍ପାଦକ କହନ୍ତି କି ଯେବେ କ୍ୟୋଟ ବେପାରୀମାନେ ଦୁଇ ମାସ ସମ୍ଭାଳିବେ ତେବେ ଦର ବଢ଼ିବ । ବଙ୍ଗ ପ୍ରଦେଶ କ୍ୟୋଟର ଏକ ମାତ୍ର ଜନ୍ମସ୍ଥାନ, ଏତେ କ୍ୟୋଟ ଆଉ କୌଣସି ସ୍ଥାନରେ ହୁଏ ନାହିଁ । ଆମେରିକା, ଜାଭା-ଦ୍ୱୀପ, ଶ୍ୟାମ ପ୍ରଭୃତି ସ୍ଥାନରେ ଗବର୍ଣ୍ଣମେଣ୍ଟ ସମୂହ କ୍ୟୋଟ ଚାଷର ବିସ୍ତାର ଚେଷ୍ଟା କରିଥିଲେ ମାତ୍ର ସଫଳ ହୋଇ ନାହାନ୍ତି । ବଙ୍ଗଳାର ଚାଷୀମାନେ ଦମ୍ ହୋଇ ବସିଲେ ଅଗତ୍ୟା ବିଦେଶୀ ମହାଜନମାନେ ଅତ୍ୟନ୍ତ ଦ୍ରବ୍ୟ ନ ପାଇ ଅଧିକ ମୂଲ୍ୟ ଦେଇ କ୍ରୟ କରିବେ । ଏ ପରାମର୍ଶ ଉତ୍ତମ ଅଟେ ।

---

ଯାତ୍ରୀମାନଙ୍କ ଗୃହଶିକ୍ଷା ସଙ୍ଗେ ପୁରୀ ସହରରେ ପ୍ଳେଗ ଉପାର ପ୍ରାଦୁର୍ଭାବ ହୋଇ ଗତ ଜୁଲାଇ-ମାସ ଶେଷସୁଦ୍ଧା ଯାତ୍ରୀ ଓ ସହରବାସୀ ଜ ୨୮୯ ଣ ଏବଂ ଚଳିତ ମାସ ତା ୬ ଦିନ ପର୍ଯ୍ୟନ୍ତ କେବଳ ସହରବାସୀ ଜ ୧୭ ଣ ମୃତ୍ୟୁ ମୁଖରେ ପତିତ ହୋଇଅଛନ୍ତି । ଏ ସପ୍ତାହରେ ହାଉଡ଼ାରେ ବୈଦ୍ୟ ମୃତ୍ୟୁ ସଂଖ୍ୟା ଜ ୮ ଣ ଏବଂ ଗତ ମଙ୍ଗଳବାର ଜ ୩ ଣ ମାତ୍ର ମାରା ପଡ଼ିଥିବାରୁ ପ୍ଲେଗର ପ୍ରକୋପ କମିଲା ଭଳି ବୋଧହୁଏ । ସ୍ଥାନୀୟ ମିଉନିସିପାଲଷ୍ଟୀର ସଦସ୍ୟ, ପରିଶ୍ରମୀ ଡାକ୍ତରମାନେ ଲେଫ୍ଟେନାଣ୍ଟ ସାହେବଙ୍କ ଅଧ୍ୟବସାୟରେ ସମ୍ପୂର୍ଣ୍ଣ ଭାବେ ନାଲି ଦାଣ୍ଡ ଓ ପାଇଖାନା ପରିଷ୍କାର ହେଉଅଛି । ସେଥିପାଇଁ ଏପର୍ଯ୍ୟନ୍ତ ଅବସ୍ଥା ଗୃହ ଓ ପରିଷ୍କାର ଦେଖାଯାଉଅଛି । ଏହାଙ୍କ ଉଦ୍ୟୋଗ ହେବାଦ୍ୱାରା ଦାଣ୍ଡ ଓ ବାଙ୍କା ଲୋକଙ୍କ ସହସ୍ରତ ଦେଉଅଛି ପୂର୍ବରେ ଏପରି ନ ଥିଲା ।

---

ଶୁଣାଯାଏ ଯେ ଲାଲ ଲାଜପତ ରାୟ ତାହାଙ୍କର ନିର୍ବାସନ ଦଣ୍ଡର ପୁନର୍ବିଚାର ନିମନ୍ତେ ଇଂଲଣ୍ଡ ରାଜସମ୍ରାଟଙ୍କ ନିକଟରେ ଅପିଲ କରିବାକୁ ମନସ୍ଥ କରଅଛନ୍ତି । ଲାଲ ମହାଶୟ ଜାଣନ୍ତି ଯେ ସେ ନିର୍ଦୋଷୀ ଅଟନ୍ତି ଏବଂ ଯଦି ତାଙ୍କ ସମ୍ବନ୍ଧ ପ୍ରମାଣ ହେଲେ ତାହାଙ୍କର ଦଣ୍ଡ ସ୍ଥିର ରହିବ ନାହିଁ । ଅତଏବ ତାହାଙ୍କର ଅପିଲ କରିବା ଉଚିତ ହେଉଅଛି ମାତ୍ର ସେଥିପାଇଁ ମରଲି ସାହେବଙ୍କର ଉଦାର ସମ୍ପ୍ରଦାୟର ଉପରେ ବାହ୍ୟିକ ଆସ୍ଥା ନାହିଁ ଓ ତାହା ସଙ୍କଟରୁ ଭାରତବାସୀଙ୍କର ବଡ଼ା ପୋଡ଼ିଯାଇ ହୋଇଅଛି ତେବେହେଲେ ସୁଫଳର ଆଶା ଅଳ୍ପ ବୋଲିବାକୁ ହେବ । ତଥାପି ନୂତନ ଜଣାଇବା କର୍ତ୍ତବ୍ୟ ଏବଂ ପ୍ରବଳପ୍ରତାପ ସମ୍ରାଟଙ୍କର ଦୟାଦୃଷ୍ଟି ନ୍ୟାୟପରତାର ଓ ପ୍ରଜାବତ୍ସଲତା ଗୁଣମାନ ସ୍ମରଣ କଲେ ସେ ମନୋଯୋଗ ପୂର୍ବକ ଏ ବିଷୟ ବୁଝିବେ ବୋଲି ଭରସା ହେଉଅଛି ।

---

ଯୁଗାନ୍ତରର ସମ୍ପାଦକର ଏକବର୍ଷ କାରାବାସ ଆମ୍ଭେମାନେ ଗୁରୁଦଣ୍ଡ ମନେ କରିଥିଲୁଁ । ମାତ୍ର ପଞ୍ଜାବର ଇଣ୍ଡିଆ ପତ୍ରିକାର ସମ୍ପାଦକ ପିଣ୍ଡିଦାସ ଏବଂ 'ହିନ୍ଦୋସ୍ଥାନର' ସମ୍ପାଦକ ଦୀନାନାଥ ପାଞ୍ଚବର୍ଷ ଲେଖାଏଁ କାରାଦଣ୍ଡ ପାଇବାର ଶୁଣି ଅତ୍ୟନ୍ତ ଆଶ୍ଚର୍ଯ୍ୟ ହୋଇଅଛୁଁ । ରାବଲପିଣ୍ଡି ଦଙ୍ଗାମାନର ଅଭିଯୁକ୍ତମାନେ ଦଣ୍ଡର ପୂର୍ବେ ଏକମାସରୁ ଊର୍ଦ୍ଧ୍ୱକାଳ ହାଜତରେ ପଡ଼ି ଜମାନତ ହାତକଡ଼ୀ ପିନ୍ଧି କଚେରୀକୁ ଦୌଡ଼ି ଓ ଯନ୍ତ୍ରଣାରେ ଭୁଗୁଥିବାର ଯେ କଷ୍ଟଭୋଗ କରୁଅଛନ୍ତି ତାହା କହିଲେ ସରେ ନାହିଁ । ସରକାରୀ କର୍ମଚାରୀମାନେ ରାଜଦ୍ରୋହର ଲକ୍ଷଣ ମନେ କରି ଏତେ କଠୋର ଦଣ୍ଡ ଦେଉଅଛନ୍ତି । ମାତ୍ର ଜନସାଧାରଣଙ୍କର ବିଶ୍ୱାସ ଯେ ସେମାନେ ରାଜଦ୍ରୋହୀ ନୁହନ୍ତି, କେବଳ କେତେକ ରାଜକର୍ମଚାରୀଙ୍କର ଅନ୍ୟାୟାଚାରର ପ୍ରତିବାଦ କରି ପ୍ରଜାଙ୍କ ଜ୍ୱାଳାତନ ଲୋଡ଼ିବାରୁ ଏତେ କଷ୍ଟ ପାଉଅଛନ୍ତି । ଏମନ୍ତ ସ୍ଥଳେ କଠୋର ଦଣ୍ଡଦ୍ୱାରା କି ଉଦ୍ଦେଶ୍ୟ ସାଧନ ହେବ ରାଜକର୍ମଚାରୀମାନେ ବିଚାର କରିବେ ।

---

ଭୂଇଁଧାହାନ ବା ତହଶିଲଦାରଙ୍କ ଘୃଣ ଏ ଜଗତରେ ନ ଥିଲା । ଏଣିକି ବହୁଳ ହେଉଅଛି । ଏ ବାହାନ କେବଳ ଘୋଡ଼ା ବା ଗାଈ ଖାଇବା ଛଡ଼ା ଆଉ କାର୍ଯ୍ୟରେ ଲାଗେ ଜଣା ନ ଥିବାରୁ ଏ ଫସଲର ଆଦର ଏ ଅଞ୍ଚଳରେ ଅଧିକ ଦେଖାଯାଉ ନାହିଁ । ବଙ୍ଗୀୟ କୃଷିବିଭାଗର ଡାଇ-

Split by PDF Splitter
Digitized by srujanika@gmail.com

Split by PDF Splitter



ଟେକ୍ନର ମହାଶୟ ଜଣାଉଅଛନ୍ତି ଯେ ଏକାଥରକେ ୩୪ ଶତ ମହଣ ଭୁଇଁବାଦାମ ଯୋଗାଇ ପାରିଲେ ଏ ନଗରରେ ନୂତନ ପ୍ରତିଷ୍ଠିତ ମହାପ୍ରଭୁ ଅଏଲ-ମେଲ ( ତେଲକଲ )ର ଅଧିକାରୀ ବାଃ ବାନର୍ଜୀ ତାହାକୁ ଖରିଦ କରିବାକୁ ପ୍ରସ୍ତୁତ ଅଛନ୍ତି । ଏକୋ ବ୍ୟକ୍ତି ଏକ ଏକ ଥରରେ ଏତେ ବାଦାମ ଯୋଗାଇ ନ ପାରିଲେ କେତେକଲୋକ ମିଶି ତାହା କରି ପାରନ୍ତି । ସ୍ଥାନୀୟ ଡିଷ୍ଟ୍ରିକ୍ଟବୋର୍ଡର ସଭ୍ୟମାନେ ଏହି ଦ୍ରବ୍ୟ ସଂଗ୍ରହରେ ସାହାଯ୍ୟ କରନ୍ତି ଏବଂ କରିବା ଉଚିତ । ଭୁଇଁବାଦାମ ସାମାନ୍ୟ ଯତ୍ନରେ ବାଲିଆ ଜମିରେ ଅନେକ ଉତ୍ପନ୍ନ ହୁଏ ଓ ତାହାର ତେଲ ଉତ୍ତମ ହୁଏ, ପୁଣି ପେଡ଼ିଆ ଗବାଦିର ପୁଷ୍ଟିକର ଖାଦ୍ୟ ଅଟେ । ଅତଏବ ଫସଲ ହେଲେ ବିକ୍ରିର ଭାବନା ନାହିଁ ।

---

ବହାଲପୁରର ମହାରାଜା ବର୍ତ୍ତମାନ ବିଲାତରେ ଅବସ୍ଥାନ କରୁଅଛନ୍ତି । ଭାରତବର୍ଷରେ ଅଶାନ୍ତି ଉପସ୍ଥିତ ହୋଇଥିବାରୁ ତତ୍ସମ୍ବନ୍ଧେ ଲର୍ଡକର୍ଜନ ମହୋଦୟ ଅନୁଯୋଗ କଲେ ପ୍ରକାଶ କଲେ ଯେ ଅଶାନ୍ତିର ପରିମାଣ ସାମାନ୍ୟ ଅଟେ ଏବଂ ବିପଦ ଉପସ୍ଥିତ ହେଲେ ଦେଶୀୟ ରାଜାମାନେ ଇଂରାଜମାନଙ୍କୁ ସାହାଯ୍ୟ କରିବେ । ଏ କଥା ହେବା ସଙ୍ଗେ ସଙ୍ଗେ ମହାରାଜା ମହୋଦୟ ଲଣ୍ଡନରେ ଟାଇମସ୍ ପତ୍ରିକାରେ ଏକ ଦୀର୍ଘ ପତ୍ର ଲେଖି ଗବର୍ଣ୍ଣମେଣ୍ଟଙ୍କର ନୀତିର ସମର୍ଥନ ପୂର୍ବକ ଦେଶୀୟ ରାଜାମାନେ ଇଂରାଜମାନଙ୍କୁ ସାହାଯ୍ୟ କରିବା କାରଣ ପ୍ରସ୍ତୁତ ଥିବା ବିଷୟରେ ଆଶ୍ୱାସ ଦେଇଅଛନ୍ତି । ଏ ସବୁ ଦେଖି ପ୍ରକୃତରେ ଆମ୍ଭମାନଙ୍କୁ ହସ ମାଡୁଅଛି । ଲର୍ଡ କର୍ଜନଙ୍କ ଭଳି ଲୋକମାନଙ୍କ କଥା ଛାଡ଼ନ୍ତୁ ତୁଚ୍ଛ ଲୋକର ନିଶ୍ଚୟ । ଇଂରାଜମାନଙ୍କୁ ଦେଶରୁ ତଡ଼ିବାକୁ ଚେଷ୍ଟା କରୁ ନାହାନ୍ତି ଚେଷ୍ଟା କଲେ ପାରିବେ ନାହିଁ । କେବଳ ... ଶାସନ କର୍ତ୍ତାଙ୍କ ଅନୀତି ଯୋଗେ ... ବିରକ୍ତ ହୋଇଅଛନ୍ତି । ସେହି ବିର... ମୂଳ ଧରି ପ୍ରତିକାର କଲେ ... ମାତ୍ର ... ବୋଲି ଏଣେ ... ସାହାଯ୍ୟ ଖୋଜି ବୁଲି ଲୋକଙ୍କୁ ଅନ୍ଧରି... ଶାନ୍ତ ହେଲେ ଲୋକେ ... ବୁଝି ପାରିବେ । ଏଥିରେ ... କାର୍ଯ୍ୟତଃ ଦେଖିବେ ।

---

...ଲଟିର ଦେବୋତ୍ତର ସମ୍ପତ୍ତିରେ ସରକାର ... ହସ୍ତକ୍ଷେପ କରିବାର ଗତସପ୍ତାହରେ ...ଥିଲୁଁ । ସମ୍ପ୍ରତି ଅବଗତ ହେଲୁଁ ଯେ ସେହି ... ମାଲତିର ରାଣୀ ସାହେବା ... ବାସ କରୁଅଛନ୍ତି । ରାଜା ସରକାରଙ୍କ ଅଦେଶରେ କଟକରେ ରହୁଅଛନ୍ତି । ରାଣୀ ଗାଡ଼ିରେ ଏକାକୀ ଥିବାସ୍ଥଳେ ସରକାରଙ୍କର ସାହାଯ୍ୟ ଓ ସହାନୁଭୂତି ଅଧିକ ପାଇବା ତାହାଙ୍କର ଆଶା ଥିଲା । ଏଥିରେ ଯେବେ ସରକାର ତାହାଙ୍କ ହସ୍ତରେ ଥିବା ଅଧିକାର ଟିକକ କାଢ଼ି ନେବାକୁ ବସିଲେ ତେବେ ଅତ୍ୟନ୍ତ ଖେଦରେ ଗଡ଼ନ୍ତୁ ବାହାର ଆସିଥିବା କଥା ସତ୍ୟ ହେଲେ ଅସଙ୍ଗତ ନୁହେ । ବାସ୍ତବରେ ଏ ସମୟରେ ରାଣୀଙ୍କ ପ୍ରତି ସରକାରଙ୍କର ଅଧିକ ଦୟା ଓ ସହାନୁଭୂତି ହେବା ଉଚିତ ହେଉଅଛି । ରାଣୀ ଦେବୋତ୍ତର ମାହାଲ ବୁଝା ସୁଝା କରିବାରେ ଏମନ୍ତ କିଛୁ ଅନିଷ୍ଟ ଘଟିବାର ଶୁଣା ଯାଇ ନାହିଁ ଯେ ତାହାଙ୍କଠାରୁ ସେ ଭାର କାଢ଼ି ନ ନେଲେ ରକ୍ଷା ନାହିଁ । ସକଳ ସ୍ତ୍ରୀ ସୁଦକ୍ଷ ଶିକ୍ଷିତ ପୁରୁଷ ପ୍ରାୟ ସମ୍ପତ୍ତିର କାର୍ଯ୍ୟ ନିର୍ବାହ କରିପାରନ୍ତି ନାହିଁ ସତ୍ୟ ଯେବେ ରାଣୀଙ୍କର କାର୍ଯ୍ୟରେ ଗୁରୁତର ତ୍ରୁଟି ଥାଏ ତେବେ ତାହାଙ୍କ ଅଧୀନରେ ଜଣେ ଯୋଗ୍ୟ କର୍ମଚାରୀ ରଖିବା କାରଣ ସରକାର ଆଗେ ପରାମର୍ଶ ଦେଇପାରନ୍ତେ । ତାହା ନ ଧରି ଧର୍ମସମ୍ବନ୍ଧ ବ୍ୟାପାରରେ ହସ୍ତକ୍ଷେପ ନ କରିବା ନୀତିସଙ୍ଗତ ହେବା ସନ୍ଦେହ ଯୁକ୍ତ । ମାତ୍ର ସାକ୍ଷାତ ଭାବରେ ସରକାର ଦେବୋତ୍ତର ସମ୍ପତ୍ତିର ଭାର ନେବା କୌଣସି ମତେ ନ୍ୟାୟସଙ୍ଗତ ବୋଲାଯାଇ ନ ପାରେ । ଏପରି କାର୍ଯ୍ୟ ଅକାରଣ ସାଧାରଣ ଅସନ୍ତୋଷ ବଢ଼ାଇବା ଭିନ୍ନ ଆଉ କିଛି ନୁହେ । ଅତଏବ ଆମ୍ଭେମାନେ ଆଶା କରୁଁ ଗବର୍ଣ୍ଣମେଣ୍ଟ ଏଥିର ସୁବିଚାର କରିବେ ।

---

## ସ୍ୱଦେଶୀ ବ୍ରତ ।

ସନ ୧୯୦୫ ମସିହା ଅଗଷ୍ଟ ମାସ ତା ୭ ରିଖରେ କଲିକତା ଟାଉନହଲ ସଭାରେ ସ୍ୱଦେଶର ହିତୋନ୍ନତି କାମନାରେ ବିଦେଶୀ ବର୍ଜନ ଓ ସ୍ୱଦେଶୀ ପ୍ରୀତିର ସୂତ୍ରପାତ ହୋଇଥିଲା ଏବଂ ତାହାର ପ୍ରାୟ ସାମ୍ୱତ୍ସରିକ ଉତ୍ସବ ଉପଲକ୍ଷରେ ଗତ ତା ୭ ରିଖ ବୁଧବାର ଏଠା ଟାଉନ ଆଇ-ସ୍କ୍ରେଭ ହଲରେ ସ୍ୱଦେଶୀ ଦ୍ରବ୍ୟର ହାଟ ବସିଥିଲା । ଏଠାର କେତେ ଦୋକାନିଙ୍କୁ ସ୍ୱଦେଶୀ ଲୁଗା, ମୋଜା, ଗେଞ୍ଜି, କାଗଜ, ସାବୁନ, କଲମ, ବିସ୍କୁଟ, ବାଡ଼ି, ଚିରୁଣୀ ଇତ୍ୟାଦି ନାନା ପ୍ରକାର ଦ୍ରବ୍ୟ ଆଣିଥିଲେ ଓ ଅନେକ ଲୋକ ଦେଶୀୟ ଦ୍ରବ୍ୟର ଉନ୍ନତି ଦେଖି ହୃଦୟର ଉଲ୍ଲାସ ପ୍ରକାଶ କରିଥିଲେ । ଅନେକ ଦ୍ରବ୍ୟ କିଣା ହୋଇଥିଲା । ପ୍ରତ୍ୟେକ ଦର୍ଶକ ସ୍ୱଦେଶୀ ଦ୍ରବ୍ୟ ଗୋଟିଏ କିଣିବାର ନିୟମ ଥିବାରୁ ତାହାଠାରେ ଖାଲି ହାତରେ ଫେରି ଆସିବାର ହୋଇ ନାହିଁ । ମାନ୍ୟ ସ୍ୱଦେଶୀ ସମାବେଶ ଆରମ୍ଭ ହୋଇ କୀର୍ତ୍ତନ ଦଳ ହଲରୁ ନଗର ପରିଭ୍ରମଣ କରିବାକୁ ବାହାରିବା ସଙ୍ଗେ ସଙ୍ଗେ ଦୋକାନୀମାନେ ଦ୍ରବ୍ୟାଦି ନେଇ ଯିବାରୁ ଯେଉଁମାନେ ପଛରେ ପହଞ୍ଚିଲେ ସେମାନେ ସ୍ୱଦେଶୀ ଦ୍ରବ୍ୟ ଦେଖିବା ଅବା କିଣିବାକୁ ନ ପାଇ କ୍ଷୁଣ୍ଣ ମନରେ ପ୍ରତ୍ୟାଗତ ହେଲେ । ସନ୍ଧ୍ୟା ସମୟରେ ଅନେକ ଲୋକ ଯୋଗ ଦେଇଥିଲେ କୀର୍ତ୍ତନଦଳ ସ୍ୱଦେଶୀ ଗୀତ ଗାଇ ନଗର ପରିଭ୍ରମଣ କରି ଫେରି ଆସନ୍ତେ ଦେଶୀ ବ୍ରତ ସମ୍ବନ୍ଧରେ ନ ୩୪ ଣ ଟେକାୟାନ୍ ବକ୍ତୃତା କରିଥିଲେ । ତାହାର ମର୍ମ ଏହି କି ସ୍ୱଦେଶୀ ବ୍ରତ ପ୍ରକୃତରେ ମାତୃସେବା ଅଟେ । ଦେଶୀୟ କୌଣସି ଲୋକ ମାତୃସେବାରୁ ବିରତ ହେବା ଉଚିତ ନୁହେ । ମାତୃ ସେବା କରି ଦେଶର ନାନାଲୋକ ନିର୍ବାସିତ, ବନ୍ଦୀକୃତ ଏବଂ ଅନ୍ୟ ରୂପେ ପ୍ରପୀଡ଼ିତ ହେଉଥିଲେ ସୁଦ୍ଧା ଅମ୍ଳାନ ବଦନରେ ମାତୃସେବା କରିବା ବାଞ୍ଛନୀୟ । ମାତୃସେବାରେ ଲାଞ୍ଛନା, ଅପମାନ ସହିବା ଛଡ଼ା ପ୍ରାଣ ପର୍ଯ୍ୟନ୍ତ ଗଲେ ସୁଦ୍ଧା ଛାଡ଼ିବାର ନୁହେ । ଆମ୍ଭେମାନେ ଯେତେବେଳେ ମାତାର ସେବା କରିବା ପାଇଁ ବ୍ରତ ଧାରଣ କରିଅଛୁଁ ନିର୍ଭୟଚିତ୍ତରେ ତାହା କରିବାକୁ ହେବ । ବକ୍ତୃତା ଶେଷରେ ଶତ କଣ୍ଠରେ 'ବନ୍ଦେମାତରମ୍' ଧ୍ୱନି ଉଚ୍ଚାରିତ ହୋଇ ବକ୍ତାମାନଙ୍କୁ ଧନ୍ୟବାଦ ଦିଆଯାଇଥିଲା । ବକ୍ତାମାନେ ଯେ ହୃଦୟର ଉଚ୍ଛ୍ୱାସରେ ସରଳ ଭାବରେ ଆପଣାର ମନର କଥା କହୁଥିଲେ ଏଥିରେ ତିଳମାତ୍ର ସନ୍ଦେହ ନାହିଁ । ଫଳତଃ ଏ ଦିନର କାର୍ଯ୍ୟ ଅତ୍ୟନ୍ତ ସୁନ୍ଦର ରୂପେ ନିର୍ବାହିତ ହୋଇଗଲା । ସ୍ୱଦେଶୀ ବ୍ରତ ପାଳନ ଉପଲକ୍ଷେ ସ୍ୱଦେଶୀ ଦ୍ରବ୍ୟର ପ୍ରଦର୍ଶନୀ ଏବଂ ବ୍ରତ ଧାରଣର ଦୃଢ଼ ସଙ୍କଳ୍ପ ଦେଖାଇବା-କାରଣ ରାଖିବନ୍ଧନ ପ୍ରାୟ ସ୍ୱଦେଶୀ ଦ୍ରବ୍ୟ ନିମ୍ନ ଆମ୍ଭମାନଙ୍କୁ ବଡ଼ ସୁଖକର ଏବଂ ଉପଯୁକ୍ତ ବୋଧ ହୋଇଅଛି । ହାଟରେ ମୋଜା, କାଗଜ, ଲୁଗା, ସାବୁନ ପ୍ରଭୃତିର ଏହି ଅଳ୍ପକାଳ ମଧ୍ୟରେ ଏତେ ଦୂର ଉନ୍ନତି ହୋଇଥିବାର ଦେଖି ଆମ୍ଭେମାନେ ବିସ୍ମୟାନ୍ୱିତ ହୋଇଅଛୁଁ । ସେଥି ପ୍ରକୃତ କଥା କହିବାକୁ ଗଲେ ଏ ହାଟ ହୋଇ ନ ଥିଲେ ଅନେକ ସ୍ୱଦେଶୀ ଦ୍ରବ୍ୟ ଏଠାରେ ଥିବା ବିଷୟ କେତେକ ଲୋକଙ୍କୁ ଜଣା ନ ଥାନ୍ତା । ସ୍ୱଦେଶୀ ଦ୍ରବ୍ୟର କ୍ରମନ୍ତେ ସମାବେଶ ଏବଂ ବକ୍ତୃତା ଇତ୍ୟାଦି ଯେମନ୍ତ ଆବଶ୍ୟକୀୟ ସ୍ୱଦେଶୀ ଦ୍ରବ୍ୟ ପ୍ରଦର୍ଶନୀ ତହୁଁ ବଳି କାର୍ଯ୍ୟକର ଏବଂ ଆଶୁ ଫଳପ୍ରଦ । ଏଣୁ ଏଥିର ଉଦ୍ଭାବନକାରୀମାନଙ୍କୁ ଆମ୍ଭେମାନେ ଆନ୍ତରିକ ଧନ୍ୟବାଦ ଦେଉଅଛୁଁ ଏବଂ ଭରସା କରୁଁ ଦେଶର ସର୍ବତ୍ର ପ୍ରତିବର୍ଷ ଅଗଷ୍ଟମାସ ତା ୭ ରିଖଠାରେ ସ୍ୱଦେଶୀ ହାଟ ବସି ସ୍ୱଦେଶୀ ଦ୍ରବ୍ୟର ବିକ୍ରି ଓ ଆଦର ବୃଦ୍ଧି ହେବ ।

Digitized by srujanika@gmail.com

### ଗଡ଼ଜାତ କଥା ।

ଇଂଲଣ୍ଡର ବା ଭାରତୀୟ ସହିତ ଓଡ଼ିଶା ଗଡ଼ଜାତ ରାଜାଙ୍କର ସମ୍ବନ୍ଧ ବିଷୟରେ 'ଷ୍ଟାର ଅଫ୍ ଉତ୍କଳ'ରେ କେତେକ ପ୍ରବନ୍ଧ ହେଲା ଧାରାବାହିକରୂପେ ପ୍ରକାଶ ହେଉଅଛି । ସହଯୋଗୀ ଦେଖାଇଅଛନ୍ତି ଯେ ପ୍ରଥମେ ଯେତେବେଳେ ସନ ୧୮୦୩ ସାଲରେ ଓଡ଼ିଶା ଇଂରାଜଗବର୍ଣ୍ଣମେଣ୍ଟଙ୍କ ଦଖଲରେ ଆସିଲା ସେତେବେଳେ ଗଡ଼ଜାତରାଜାଙ୍କ ସଙ୍ଗେ ଗୋଟିଏ ସନ୍ଧିପତ୍ର ଲେଖା ହୋଇଥିଲା । ସେ ସମୟରେ ଗଡ଼ଜାତ ସମୂହର ନାମ କରଦମହାଲ ( Tributary States ) ଓ ରାଜାମାନେ କରଦରାଜା ( Tributary Chiefs) ବୋଲି ପରିଚିତ ଥିଲେ । ଗଡ଼ଜାତ ରାଜାମାନେ ଇଂରାଜଙ୍କ ସହିତ ଯୁଦ୍ଧ ନ କରି ଅଧୀନତା ସ୍ୱୀକାର କରିଥିଲେ ସୁତରାଂ ସନ୍ଧି ହୋଇଥିଲା ଓ ସେ ବିଷୟରେ ଏକ୍ସପର ସ୍ୱୀକାରପତ୍ର (ଏକରାରନାମ କବୁଲନାମା) ଲେଖାପଢ଼ା ହୋଇଥିଲା ଯେ ରାଜାମାନେ ଯେ ଯାହାର (କିଷ୍ଟି) ମହାଲ ନିମନ୍ତେ ବାର୍ଷିକ ଏତେଟଙ୍କା ଲେଖାଏ କର ସରକାରଙ୍କୁ ଦେବେ, ସରକାରର ଅଧୀନ ଥାଇ ଆପଣା ମହାଲ ସ୍ୱାଧୀନଭାବରେ ଶାସନ କରିବେ, ପ୍ରଜାଙ୍କର ସୁଖଶାନ୍ତି ଓ ରାଜ୍ୟର ଉନ୍ନତି କରିବେ । ସରକାରୀ ସେନା ଓ କର୍ମଚାରୀଙ୍କ ଅବାଧେ ବାଟ ଛାଡ଼ିଦେବେ, ରସଦ ଯୋଗାଇଦେବେ ଏବଂ ଆବଶ୍ୟକ ହେଲେ ବିଦ୍ରୋହ ନିବାରଣାର୍ଥେ ନିଜ ସେନାଦ୍ୱାରା ଓ ଅନ୍ୟଃ ସରକାରଙ୍କର ସାହାଯ୍ୟ କରିବେ ନିରୂପିତ କର ଚିରକାଳ ସକାଶେ ଧାର୍ଯ୍ୟ ହେଲା ଓ ସରକାର ସେହି କର କେବେ ବୃଦ୍ଧି କରିବେ ନାହିଁ କିମ୍ବା ଏହା ଛଡ଼ା ଅନ୍ୟବିଛି ନେଇ ପାରିବେ ନାହିଁ । ଏହି ନିୟମାନୁସାରେ ବ ୫୦ ବର୍ଷ କାର୍ଯ୍ୟ ଚାଲିଆସିଲା । କେବଳ ପ୍ରଜାବର୍ଗର ଅଶାନ୍ତି, ମେଳ ଓ ନରହତ୍ୟା ଇତ୍ୟାଦି ଗୁରୁତର ବ୍ୟାପାର ଛଡ଼ା ଅନ୍ୟ କୌଣସି ବିଷୟରେ ମହାଲର ଆଭ୍ୟନ୍ତରିକ ବ୍ୟାପାରରେ ସରକାର ହସ୍ତକ୍ଷେପ କରୁ ନ ଥିଲେ । ସନ ୧୮୯୪ ସାଲରେ ସେ ସମୟର ଗବର୍ଣ୍ଣରଜେନେରାଲ ମହାମାନ୍ୟ ଲର୍ଡ ଏଲ୍‌ଗିନ ଥିଲେ ଖଣ୍ଡିଏ ନୂଆ ସନନ୍ଦ ଗଡ଼ଜାତ ରାଜାମାନଙ୍କୁ ପ୍ରଦାନ କଲେ ଏବଂ ତହିଁରେ ସେମାନଙ୍କୁ ଫିଉଡେଟରୀ ଚିଫ ( Feudatory Chief ) ଆଖ୍ୟା ପ୍ରଦାନ କଲେ । ଫିଉଡେଟରୀଙ୍କ ଉପରେ ଅର୍ଥ ଏକପ୍ରକାର ମଧ୍ୟ ସଦ୍ଦାର୍ ତଥା ଜମିଦାର ପ୍ରଭୃତି ହୋଇପାରେ । ଏହି ସନନ୍ଦରେ କେବଳ ଉପାଧି ବଦଳ ଗଲା ଏପରି ନୁହେ । କେତେକ ଅଧିକାର ମଧ୍ୟ ଖର୍ବ କରାଗଲା, ତଥା ସେମାନେ ଆପଣା ମହାଲରେ ଅବାଧିତରେ ବଙ୍ଗପ୍ରଦେଶର ଲେଫ୍ଟେନାଣ୍ଟ ଗବର୍ଣ୍ଣରଙ୍କ ଅନୁମୋଦନ [illegible] ତାହାଙ୍କୁ [illegible] କ୍ଷମତା ଅନୁସାରେ ଖୁନ୍ ଡକାଏତି ପ୍ରଭୃତି ବଡ଼ ମୋକଦ୍ଦମା ଛଡ଼ା ଅନ୍ୟାନ୍ୟ ଛୋଟ ମୋକଦ୍ଦମାମାନ ବୁଝିବେ । ଦୁଇବର୍ଷର ଅଧିକ ମିଆଦ ବା ଏକହଜାର ଟଙ୍କାର ଅଧିକ ଜରିମାନା କରି ପାରିବେ ନାହିଁ, ସୁପ୍ରିଣ୍ଟଙ୍କ ନ ବୁଝି ନିଜ ତାହାଙ୍କର ଇଚ୍ଛାନୁରୂପରେ ଖଜଣା ବନ୍ଦୋବସ୍ତ, ଟିକସ ଧାର୍ଯ୍ୟ, ଖଣି ଇତ୍ୟାଦି ଜଳ ଲିମ୍ବା ଲବଣ, ଅସ୍ତ୍ର, ଅବକାରୀ ଇତ୍ୟାଦି ବନ୍ଦୋବସ୍ତ କରି ପାରିବେ ନାହିଁ । ହାତୀଧରା ଅଧିକାର ଅନୁଗ୍ରହସ୍ୱରୂପ ଦିଆଗଲା ମାତ୍ର ସରକାର ଇଚ୍ଛାକଲେ ସେ ଅଧିକାର କାଢ଼ିନେଇ ପାରିବେ । ପୁଣି ତ ୧୦ ବର୍ଷ ପରେ ଅର୍ଥାତ୍ ସନ ୧୯୦୫ ସାଲରେ ବର୍ତ୍ତମାନର ମହାମାନ୍ୟ ଗବର୍ଣ୍ଣରଜେନେରାଲ ଲର୍ଡ ମିଣ୍ଟୋ ବାହାଦୂର ଆଉ ଏକ ସନନ୍ଦ ପ୍ରଦାନ କରିଅଛନ୍ତି । ତହିଁର ମର୍ମ ଏହି କି ରାଜାମାନେ ପୂର୍ବେ ଏବଂ ଗଡ଼ଜାତ ମହାଲର ଟ୍ରିବ୍ୟୁଟେରୀ ଚିଫ୍ ( Tributary Chief) ବୋଲାଉଥିଲେ ଏଣିକି ଫିଉଡେଟରୀ ( Feudatory ) ବୋଲାଇବେ ଓ ଆପଣା ଏଲାକାରେ ଫଉଜଦାରୀ, ଦେୱାନୀ ଓ ରାଜସ୍ୱ ମାମଲା ସମସ୍ତ ବୁଝିବେ, କେବଳ ପ୍ରାଣଦଣ୍ଡ ବିଷୟରେ ଓଡ଼ିଶାବିଭାଗର କମିଶନରଙ୍କ ସାହେବଙ୍କର ଆଦେଶ ନେବେ । ବର୍ତ୍ତମାନ୍ ଯେତେ ପେସକସ୍ ଧାର୍ଯ୍ୟ ହୋଇଅଛି ତାହା ସନ ୧୮୮୮ ସାଲଠାରୁ ସନ ୧୯୦୮ ସାଲ ପର୍ଯ୍ୟନ୍ତ ବ ୨୦ ବର୍ଷ ସକାଶେ ସ୍ଥିର କରାଗଲା । ତହିଁ ଉତ୍ତାରୁ ଯେତେବେଳେ ଇଚ୍ଛା ସରକାର ତାହା ପରିବର୍ତ୍ତନ କରି ପାରିବେ । ସରକାରୀ ହୁକୁମମାନ ନେବା ନିମନ୍ତେ ଏକଜଣ ଉକୀଲ ସମ୍ବଲପୁର ଜିଲାର ସଦରସ୍ଥାନରେ ନିଯୁକ୍ତ କରିବେ । କେବଳ ହାତୀଧରା ଛଡ଼ା ଅନ୍ୟାନ୍ୟ ବିଷୟ ପୂର୍ବସନନ୍ଦ ସଙ୍ଗେ ସମାନ ଥିବାରୁ ଏଠାରେ ପ୍ରକାଶ କରିବାର ପ୍ରୟୋଜନ ନାହିଁ ।

---

### ମୟୂରଭଞ୍ଜର ବିବରଣୀ—୧

ମୟୂରଭଞ୍ଜର ସନ ୧୯୦୬।୦୭ ସାଲର ବାର୍ଷିକ ବିବରଣୀ ଦୁଇମାସରୁ ଊର୍ଦ୍ଧ୍ୱ ହେଲା ବାହାରି ଅଛି ଓ ଆମ୍ଭେମାନେ ଖଣ୍ଡିଏ ପାଇବାର କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ । ଏଥର ବିବରଣୀଟି ପୁସ୍ତକାକାରରେ ବାହାରି ଅଛି ଓ ମୟୂରଭଞ୍ଜର ସୁନ୍ଦର ମାନଚିତ୍ର ତହିଁରେ ଯୋଡ଼ା ହୋଇଅଛି । ଏହାର ଛପା ଓ ବନ୍ଧାଇର ଉତ୍କୃଷ୍ଟତା ମୟୂରଭଞ୍ଜ ରାଜ ପ୍ରେସର ସୁଖ୍ୟାତି ଘୋଷଣା କରୁଅଛି । ଏ ରାଜ୍ୟର ଶାସନ କାର୍ଯ୍ୟ ଲକ୍ଷିତ ଯେ ସମସ୍ତ ବିବରଣ ଅନ୍ୟାନ୍ୟ ବାର୍ଷିକ ବିବରଣୀରେ ପ୍ରକାଶ ହୋଇଥାଏ ଏଥିରେ ମଧ୍ୟ ସେହି ସମସ୍ତର ସେହିପରି ବିସ୍ତାରିତରୂପେ ବର୍ଣ୍ଣିତ ହୋଇଅଛି । ଏ ରାଜ୍ୟର କାର୍ଯ୍ୟ ସକଳ ସରକାରୀ ରିପୋର୍ଟ ଅନୁକରଣରେ ଲିଖିତ ହେବାର [illegible] ଙ୍କୁ ଜଣା ଅଛି ଓ ବିବରଣୀ ମଧ୍ୟ ସରକାରୀ ଆଦର୍ଶରେ ଲେଖା ହୋଇଅଛି । ମୟୂରଭଞ୍ଜର ଲୋକଙ୍କର ବୈଷୟିକ ଅବସ୍ଥା ସମ୍ବନ୍ଧରେ ଲେଖା ଅଛି କ ଏ ଦେଶ କୃଷି ପ୍ରଧାନ ହେବା ହେତୁ ତାହା ବୃଷ୍ଟି ଓ ଫସଲ ଉପରେ ନିର୍ଭର କରୁଥିଲେହେଁ ଅର୍ଥାତ୍ ଫସଲ ଭଲ ହେଲେ ସୁଖ ଓ ମନ୍ଦ ହେଲେ ଦୁଃଖ ହେଉଥିଲେହେଁ ଲୋକଙ୍କର ଅବସ୍ଥା ବର୍ଷକୁ ବର୍ଷ ସ୍ଥିର ଭାବରେ ଉନ୍ନତ ହେଉଅଛି । ହାଟ ବଜାରରେ ଇଉରୋପୀୟ ପଣ୍ୟ ଦ୍ରବ୍ୟ ଅଧିକରେ ବିକ୍ରୟ ହେଉଅଛି । ଛତା, କାଉନ୍ସ୍ୟା, ପିତ୍ତଳ ବାସନ କଂସା ଅଳଙ୍କାର ଆଦିମ ବାସିମାନେ ବସ୍ତ୍ର କିଣୁଅଛନ୍ତି ଏବଂ ଭଲ ଘର ତିଆରିପ୍ରତି ମନୋଯୋଗୀ ହୋଇଅଛନ୍ତି । ଏ ସମସ୍ତ ଏ ରାଜ୍ୟ ବାସିଙ୍କର ସୁଖାଭିଲାଷ ଏବଂ ଅର୍ଥ ଶକ୍ତିର ଉନ୍ନତି ପ୍ରମାଣ ଅଟେ । କୃଷି ଜାତଦ୍ରବ୍ୟର ଉଚ୍ଚ ମୂଲ୍ୟ ସ୍ଥାନାନ୍ତର ବ୍ୟବସାୟୀମାନଙ୍କର ଆଗମନଦ୍ୱାରା ବାଣିଜ୍ୟ ବ୍ୟବସାୟର ବୃଦ୍ଧି ସ୍ଥାନୀୟ ଲୋକଙ୍କର ବ୍ୟବସାୟ ପ୍ରତି ଆଗ୍ରହ ଏବଂ ଆଇନଦ୍ୱାରା ପ୍ରଜାସ୍ୱତ୍ୱ ଦାନର ସୁବ୍ୟବସ୍ଥା ହେତୁ ଏ ଫଳ ହୋଇଅଛି । ଏଥିରୁ ପାଠକମାନେ ଦେଖିବେ ଯେ ଇଂରାଜ ଗବର୍ଣ୍ଣମେଣ୍ଟ କର୍ମଚାରୀମାନେ ଯେ ସମସ୍ତ ହେତୁ ଦର୍ଶାଇ ଭାରତବାସିଙ୍କର ଅବସ୍ଥା ସୌଭାଗ୍ୟ ଦେଖାଇ ଥାନ୍ତି ଥିବାର ପ୍ରଚାର କରନ୍ତି ମୟୂରଭଞ୍ଜର ରାଜକର୍ମଚାରୀମାନେ ସେହି ସମସ୍ତ ହେତୁ ଉପରେ ନିର୍ଭର କରି ସେ ରାଜ୍ୟର ଲୋକ ସୁଖରେ ଥିବାର କହି ଅଛନ୍ତି । ଇଂରାଜ କର୍ମଚାରୀମାନେ ବିଦେଶୀ ଦେଶୀୟ ଲୋକଙ୍କ ସଙ୍ଗେ ଘନିଷ୍ଠରୂପେ ମିଶନ୍ତି ନାହିଁ ବୋଲି ଦେଶୀୟଙ୍କର ପ୍ରକୃତ ଅବସ୍ଥା ନ ଜାଣିବାର କାରଣ ଅଛି ସେ ସେହି ଆପତ୍ତିରେ ପଡ଼ି ଯାଇ ପାରନ୍ତି । ଏମନ୍ତ ହୋଇ ପାରେ ସେ ବିଳାତି ଦ୍ରବ୍ୟର ବିକ୍ରି ଦେଖି ଅନୁମାନରେ ଭ୍ରମରେ ପଡ଼ନ୍ତି । ମାତ୍ର ଦେଶୀୟ ଶିକ୍ଷିତ କର୍ମଚାରୀଙ୍କର ସେପରି ଅଜ୍ଞତା ବା ଭ୍ରମ ହେବାର କୌଣସି ହେତୁ ନାହିଁ । ହାଟ ବଜାରରେ ବିଦେଶୀ ଦ୍ରବ୍ୟର ଅଧିକ ବିକ୍ରୀ, ଇଙ୍ଗରେଜୀ ଦ୍ରବ୍ୟ କିଣିବାର ଅଧିକ ଆଗ୍ରହ, ଭଲ ଘର ଓ ଖାଦ୍ୟ ଦ୍ରବ୍ୟର ଦୁର୍ମୂଲ୍ୟତା ଇତ୍ୟାଦି ଯେବେ ଯଥାର୍ଥ ଉନ୍ନତିର ଲକ୍ଷଣ ହେବେ ତେବେ ଯେ ଲୋକ ନିଜ ଘରେ ତାହା ନ ପାଇ ପରକେ ଧାରଧାରକଯ୍ୟ ହୋଇ ଉଚ୍ଚ ପିଣ୍ଡାରେ ବସିବାର ଦେଖାଯିବ ତାହାକୁ ସୁଖୀ ବୋଲିବାକୁ ହେବ । କୃଷି କର୍ଷକର ଓ ଦୈବାଧୀନ କାର୍ଯ୍ୟ । ବର୍ତ୍ତମାନ୍ ଶସ୍ୟାଦିର ଉଚ୍ଚ ମୂଲ୍ୟ ହେବାରୁ କୃଷକର ଆୟ ବଢ଼ି ଅଛି ସତ୍ୟ । ମାତ୍ର ଯେ ବାକି କଷ୍ଟରେ ଅର୍ଜିବା ଧନ ଅସାର ଭପ ଚକିଣ କ୍ଷଣ ସ୍ଥାୟୀ ବିଳାସ ଦ୍ରବ୍ୟରେ ଉଡ଼ାଇ ଦଏ ଅଥବା ଘର ଲୋକଙ୍କ

Split by PDF Splitter
Digitized by srujanika@gmail.com

କଥା ନ ବୁଝି ପର ଘୋଷିବାରେ ବ୍ୟସ୍ତ କରେ ତାହାର ଅବସ୍ଥା ଭଲ ବୋଲି ଧରାଯାଇ ନ ପାରେ । ଯେମନ୍ତ ବ୍ୟକ୍ତିବିଶେଷର ସେମନ୍ତ ଦେଶର ଅବସ୍ଥା ବୁଝିବାକୁ ହେବ । ବାସ୍ତବରେ ଓଡ଼ିଶାର ଅନ୍ୟାନ୍ୟ ସ୍ଥାନର ଅବସ୍ଥା ଯେମନ୍ତ ମୟୂରଭଞ୍ଜର ଅବସ୍ଥା କହିଁରୁ ପୃଥକ୍ ନୁହେ ଓ ସେ ଅବସ୍ଥା ସୁଖକର ବୋଲିବାର କୌଣସି କାରଣ ଦେଖାଯାଉ ନାହିଁ । ଯାହା ହେଉ ଏ ବିବରଣୀରୁ ପ୍ରକାଶ ଯେ ମୟୂରଭଞ୍ଜ ଦରବାର ସେ ରାଜ୍ୟର ଉନ୍ନତି ସକାଶେ ଅନେକ ଗୁଡ଼ିଏ ହିତାନୁଷ୍ଠାନରେ ହାତ ଦେଇ ଅଛନ୍ତି । ଯଥା କୃଷିବିଶାରଦ ଶ୍ରୀଯୁକ୍ତ ଏନ୍, ସି, ଘୋଷ ସାଧାରଣ କୃଷି ଓ ରେଶମ ଚାଷ ଓ ତୁଷ୍ପ୍ରର ଉନ୍ନତିର ନାନା ଉପାୟ କରୁ ଅଛନ୍ତି, ବାରିପଦା ଉଚ୍ଚ ସ୍କୁଲରେ କୃଷି ଶିକ୍ଷା ଦିଆଯାଉଅଛି ଓ ମଧ୍ୟ ଓ ପ୍ରାଥମିକ ବିଦ୍ୟାଳୟ ସମୂହରେ ଶିକ୍ଷା ଦେବାର ବିଚାର ଚାଲିଅଛି, ଉଦର ଓ ଲାକ୍ଷ ବ୍ୟବସାୟ ଉନ୍ନତିର ଚେଷ୍ଟା ହୋଇଅଛି, ବଣଜାତ ଦ୍ରବ୍ୟର ବ୍ୟବସାୟ କ୍ରମେ ବିସ୍ତାର ହେଉଅଛି, ଲୁହା ଖଣି କାର୍ଯ୍ୟ କେତେଦୂର ଅଗ୍ରସର ହୋଇଅଛି ଏବଂ ବିଖ୍ୟାତ ବିତ୍ ଶ୍ରୀଯୁକ୍ତ ପି, ଏନ୍, ବୋଷ ରାଜ୍ୟର ନାନା ସ୍ଥାନ ବୁଲି ଅନ୍ୟାନ୍ୟ ଖଣିର ଅନୁସନ୍ଧାନ କରୁଅଛନ୍ତି ଏବଂ କେତେକ ପରିମାଣରେ ସଫଳ ହୋଇଅଛନ୍ତି । ଏପର ୧୦୦ ବାଟି ଜମି କପା ଚାଷ କରିବା କାରଣ କଲିକତାର ସା, ଉଆଲେସ୍ କମ୍ପାନୀ ପଟ୍ଟା ନେବାର ବନ୍ଦୋବସ୍ତ କରୁଅଛନ୍ତି ଏବଂ ଲୁଗା ବୁଣା ଓ ବଢ଼ାଇ ଓ ଅନ୍ୟାନ୍ୟ ପ୍ରୟୋଜନୀୟ ଶିକ୍ଷା ଦାନ ନିମନ୍ତେ ବାରିପଦାରେ ଗୋଟିଏ ଶିଳ୍ପ ବିଦ୍ୟାଳୟ ସ୍ଥାପନର ଚେଷ୍ଟା ହେଉଅଛି । ଯେତେବେଳେ ଏହି ହିତାନୁଷ୍ଠାନମାନ କାର୍ଯ୍ୟକର ହେବ ସେତେବେଳେ ରାଜ୍ୟର ଅବସ୍ଥା ଅବଶ୍ୟ ଉନ୍ନତି ପଥରେ ଅଗ୍ରସର ହେବ । ଏ ସମସ୍ତ ସାଧୁଚେଷ୍ଟା ନିମନ୍ତେ ମୟୂରଭଞ୍ଜ ମହାରାଜା ପ୍ରଶଂସାର ପାତ୍ର ଅଟନ୍ତି ଏବଂ ସେ ସମସ୍ତ ସଫଳ ହେବା କାରଣ ଆମ୍ଭେମାନେ ଈଶ୍ୱରଙ୍କଠାରେ ପ୍ରାର୍ଥନା କରୁଅଛୁଁ ।

# ସାପ୍ତାହିକ ସମ୍ବାଦ ।

## କଲିକତା ଗେଜେଟ ।

ଅଭିଜ୍ଞ ଓ [illegible] ମାଇନ୍ସ୍ ଓ ସର୍ଟିଫିକେଟ କଲିକତାର ପ୍ରଥମ ମାର୍ଚ୍ଚର ୧୯୦୭ ମସିହାର ଷାଣ୍ମାସିକ ପରୀକ୍ଷା ଆଗାମୀ ଅକ୍ଟୋବରମାସ ତା ୫ ଦିନ ଓ ତତ୍ପରବର୍ତ୍ତୀ ଦିନମାନଙ୍କରେ ଗୃହୀତ ହେବ ।

କଟକର [illegible] ସବ୍‌ଇନ୍‌ସ୍ପେକ୍ଟର ମୌଲବି [illegible] ଗତ ଜୁନମାସରେ ମା ୧ ସ ଛୁଟି ନେଇଥିଲେ ଓ ତାଙ୍କ ସ୍ଥାନରେ କଟକର ସବ୍‌ଡେପୁଟି ବାବୁ ଲଳିତଭୂଷଣ ଦାସ ନିଯୁକ୍ତ ହୋଇଥିଲେ ।

ବାଲେଶ୍ୱରର ସବ୍‌ରେଜିଷ୍ଟ୍ରାର ମୌଲବି ନଜିର ମହମ୍ମଦ ଗତ ଜୁନମାସରେ ତିନିମାସର ଛୁଟି ପାଇଥିଲେ ଓ ତାଙ୍କ ସ୍ଥାନରେ ବାବୁ ଅନନ୍ତକିଶୋର ଦାସ ଉତ୍ତରେ କଟକର ସବ୍‌ରେଜିଷ୍ଟ୍ରାର ବାବୁ ଦେବେନ୍ଦ୍ରନାଥ ଦାସ ନିଯୁକ୍ତ ହୋଇଥିଲେ ।

ଓଡ଼ିଶାବିଭାଗର କମିସନର ସାହେବ ମହୋଦୟ ଗଡ଼ଜାତ ରାଜ୍ୟସମୂହ ନିମନ୍ତେ ପଲିଟିକାଲ ଏଜେଣ୍ଟ ସ୍ୱରୂପ ନିଯୁକ୍ତ ହେଲେ ।

## ସ୍ଥାନୀୟ ସମ୍ବାଦ ।

ଏ ସପ୍ତାହରେ ଏ ନଗରରେ ଗାଧୁ ନ୍ଦଡାକ୍ତର ମାନଙ୍କଓ ଗତ ସୋମବାର ଓ ମଙ୍ଗଳବାର ଲାଗିବୃଷ୍ଟି ହୋଇଥିବା ।

ଏ ନଗରରେ ଏ ସପ୍ତାହରେ ଜ୍ୱର ଓ ପେଟ ରୋଗରେ ମରାପଡ଼ିବା ଜଣାଯାଇ ଅଛି । ବେଶି ବୃଦ୍ଧିହେବାର ଦେଖାଯାଏ ।

ଶ୍ରୀଯୁକ୍ତ କମିଶନର ସାହେବ ସମ୍ବଲପୁରରୁ ବାହାର କମାବାଟେ ସଙ୍କୁଚିତ ଗଡ଼ଜାତମାନ ପରିଦର୍ଶନରେ ଅଛନ୍ତି ।

ଏ ସପ୍ତାହର ବୃଷ୍ଟିରେ ଓଡ଼ିଶାର ସକଳଭାଗରେ ଚାଷିମାନେ ରୁଆ ବେହୁଡ଼ାକାର୍ଯ୍ୟ କରିବାକୁ ସମର୍ଥ ହୋଇଅଛନ୍ତି । ଜଳର ଅଭାବ ବର୍ତ୍ତମାନସକାଶେ ଦୂର ହୋଇଅଛି । ଫସଲର ଆଶା ଭଲ ଜଣାଯାଏ ।

ପ୍ରକାଶ ବଙ୍ଗୀୟ ଜ, ଇ, ଟେଲର ଗତ ମଙ୍ଗଳବାର ଏଠାରେ ପ୍ରବେଶ ହୋଇ ପରିଦର୍ଶନ କରୁଅଛନ୍ତି ।

ଜଗନ୍ନାଥବଲ୍ଲଭ ଉପନଦିର ପୁହାଳ ନାହିଁ ଭାଙ୍ଗିପଡ଼ି ଗୋଟିଏ ଗାଈ ମରିଯାଇଅଛି ।

## ସିଦ୍ଧେଶ୍ୱରପୁର ଅଞ୍ଚଳର ସମ୍ବାଦ ।

ବସ୍ତୁ ଦବସ୍ତଦେବ ଚେଷ୍ଟାକରି ଗତ ଜୁଲାଇମାସ ଅରମ୍ଭରୁ ଅନନ୍ତ ସ୍କୁଲସଂଲଗ୍ନରେ ଗୋଟିଏ ଏକାପଦସ୍ଥମଣ୍ଡଳ ପୋଷ୍ଟଅଫିସ ସ୍ଥାପିତ ହୋଇଅଛି ଏଥିଦ୍ୱାରା ଏ ଅଞ୍ଚଳର ଗୋଟିଏ ମହତ୍ ଅଭାବ ଦୂରୀଭୂତ ହୋଇଅଛି । ଏହାପୂର୍ବେ କେବଳ ପୋଷ୍ଟଅଫିସରୁ ଚିଠି ସମ୍ବାଦ ପାଇବାରୁ ନାନା କଷ୍ଟ ବର୍ତ୍ତମାନ ସମ୍ବାଦପତ୍ରରେ ଲୋକେ ଚିଠିସମ୍ବାଦ ପାଉଛନ୍ତି । ଗତ ଜୁଲାଇମାସରେ ୪୮ ଖଣ୍ଡ ଚିଠି ପ୍ରଭୃତି ଦିଆନିଆ ହୋଇଥିଲା । ପୋଷ୍ଟେଲଦରାଦି କର୍ତ୍ତୃପକ୍ଷମାନଙ୍କ ପ୍ରାର୍ଥନା ଯେ ଏ ଅଫିସକୁ ସ୍ଥାୟୀ କରାନ୍ତୁ ।

ଏହି ମଧ୍ୟମଶ୍ରେଣୀ ଇଂରାଜୀ ବିଦ୍ୟାଳୟଟି ବର୍ତ୍ତମାନ ଭଲ ଚାଲୁଅଛି । ସ୍କୁଲସଂଲଗ୍ନରେ ଛାତ୍ରାବାସର ଉତ୍ତମ ବନ୍ଦୋବସ୍ତ ହୋଇଅଛି ବର୍ତ୍ତମାନ ଛାତ୍ରାବାସରେ ଅନେକଗୁଡ଼ିଏ ବାଳକ ଅଛନ୍ତି ।

ପାଇକା ଓ ମହାନଦୀର ମଧ୍ୟବର୍ତ୍ତୀ ଅଞ୍ଚଳରେ କେମିତି ନାହିଁ ସୁତରାଂ ଏବର୍ଷକୁ ନେବଣ୍ଟଣ ହୋଇ ନାହିଁ ଦଣ୍ଡ ଓ ମାଣ୍ଡିଆ ଅବସ୍ଥାର ଅବସ୍ଥାରେ ଅଛି ବର୍ତ୍ତମାନ ବୃଷ୍ଟି ହେଉଥିବାରୁ ଦ୍ୱିତୀୟବାର ବୁଣାମାନେ ଟିକେ ଆଶ୍ୱସ୍ତ ହୋଇ ଅଛନ୍ତି ।

ଅତଏବ "ବାଦାମ ତେଲ" ନାମକ ଏକପ୍ରକାର ତେଲ ବାହାର ହେବାରୁ ଚର୍ଚ୍ଚିତୋଳାକର ଗଣ୍ଡମାନେ ଛିଙ୍କ ତେଲରେ ମିଶାଇ ଦୂଷିତ କରି ଲୋକମାନଙ୍କୁ ବିକ୍ରୟ କରୁଅଛନ୍ତି ଏହି ତେଲିଆ ପଦାର୍ଥଦ୍ୱାରା ରୋଗର ସୃଷ୍ଟି ହେଉଅଛି । ଏ ବିଷୟରେ କର୍ତ୍ତୃପକ୍ଷମାନଙ୍କ ଅନୁସନ୍ଧାନ କରୁଅଛ ?

ଏ ଅଞ୍ଚଳର ନିକଟବର୍ତ୍ତୀ ଗ୍ରାମମାନଙ୍କରେ ମାଲେରିଆ ପ୍ରାଦୁର୍ଭାବ ଅଛି ସ୍ୱାସ୍ଥ୍ୟ ଭଲଭଦ୍ରପାଠ, ଗ୍ରାମଦେବତା ମାର୍କଣ୍ଡ ଉତ୍ତର ଅଛନ୍ତି ।

## ଯାଜପୁର ସମ୍ବାଦ ।

ଯାଜପୁର ଥାନାର ସନ୍ନିକଟ ସୋମନାଥପୁର ଗ୍ରାମରେ ଓଲାଉଠା ପ୍ରକୋପ ବୃଦ୍ଧି ହୋଇ ଥାନାର ମଧ୍ୟରେ ପ୍ରବେଶ କରିଅଛି ଓ କେତେଲୋକ ନଷ୍ଟ ହୋଇଅଛନ୍ତି ।

ଗତ ମଙ୍ଗଳବାର ସନ୍ଧ୍ୟାବେଳା ହାଟରେ କାହାପିଲା ନମ୍ବର ଏକଜଣ ବଳି ଏକପଟ ଲୁଣ ମୁଣ୍ଡରେ ଯାଉଥିଲା ପ୍ରାୟ ଏକ ମାଇଲ ଯାଇ ବାଟରେ ହଠାତ୍ ଲୁଣପଟ ଉପରେ ପଡ଼ି ତହିଁରେ ଚାପି ହୋଇ ଛଟପଟ ହୋଇ ମରିଗଲା ପୁଲିସ ତଦନ୍ତ କରି ତାକୁ ଛାଡ଼ି ପଠାଇଦେଇଅଛନ୍ତି ।

ଏକ ଘାଟଗର୍ଭବତୀ ସ୍ତ୍ରୀ ସମ୍ବନ୍ଧରେ ଦୁଇ ଜମିଦାର ମଧ୍ୟରେ ଦଙ୍ଗା ହଙ୍ଗାମା ଓ ଫଉଜଦାରୀ ମାମଲା ହେବାରେ ସେ ସ୍ତ୍ରୀ ପଳାଇ ଗର୍ଭଜନିତ କାରଣ କରି ମିଶିଲେ ଯାଇ ଛଡ଼ାହୋଇ ହଲଫାନ ଇଜହାର କରୁଁ ଅଦାଲତ୍ ପ୍ରସବ ବେଦନା ଉପସ୍ଥିତ ହେଲା । ତହୁଁ ସେ ଇଜହାର ନ ପାରି ବାହାରେ, ଯାଇ କଚେରୀ ଦ୍ୱାରରେ ଏକ ପୁତ୍ର ପ୍ରସବ କଲା ସବଡିଭିଜନ ମେଜିଷ୍ଟ୍ରେଟ ପ୍ରସୂତା ଓ ନବଜାତ ପୁତ୍ରକୁ ଡାକ୍ତରଖାନା ପଠାଇ ଦେବାର ବନ୍ଦୋବସ୍ତ କରି ଦେଲେ । ଉକ୍ତ ଜମିଦାରଙ୍କ ମକଦ୍ଦମା ଦିଏଥା ନେଉଛନ୍ତି କରିବାର ତାହା ଏହି ଗର୍ଭସମ୍ବନ୍ଧରେ ପାଇବା ଶ୍ରୀ ରାଜକର ଚାଲିଶରୁ ପ୍ରକାଶ ହେବ ।

ଅତି ପର୍ଯ୍ୟନ୍ତ ଲଗାଣ ବର୍ଷା ନ ହେବାରୁ ଚାଷିମାନେ କେଉଁଠାରେ କର ନ ପାଇ ହତାଶ ହୋଇ ରହିଅଛନ୍ତି ।

ଏଠାହାଇସ୍କୁଲ ସଂଲଗ୍ନ ଛାତ୍ରାବାସର କାର୍ଯ୍ୟ ଶେଷ ହୋଇ ଉପାଧ୍ୟାୟ ଏକଜଣ ପାଠକ ଓ ଏକଜଣ ପୂଜକ ନିଯୁକ୍ତ ହୋଇଅଛନ୍ତି ମାତ୍ର ବଜାରରେ ବାସ କରିଥିବା ଛାତ୍ରମାନଙ୍କ ଅଭିଭାବକମାନେ ଆପଣା ବାଳକମାନଙ୍କୁ ଛାତ୍ରାବାସକୁ ନ ପଠାଇ ନେଉଥିବାରୁ ଅସ୍ୱାସ୍ଥ୍ୟକର ଓ କୁସଂସର୍ଗ ସ୍ଥାନରେ ରଖାଇଥିବା ବଡ଼ ଦୁଃଖର ବିଷୟ ଅଟେ ।

## କେନ୍ଦ୍ରାପଡ଼ାସମ୍ବାଦ ।

ଗତ ପୂର୍ବ ଶୁକ୍ରବାର ଅପରାହ୍ଣ ସାର୍ଦ୍ଧ ତିନିଘଣ୍ଟିକା ସମୟରେ ଏଠାସ୍ଥ ହାଇସ୍କୁଲ ଛାତ୍ରମାନେ ସ୍କୁଲର ଚତୁର୍ଥ ଶିକ୍ଷକ ବାବୁ ଶ୍ରୀ ଶ୍ୟାମସୁନ୍ଦର ରାୟଙ୍କ ବଦାନ୍ୟତାସଲକ୍ଷେ ଏକ ସଭା ଆହ୍ୱାନ କରିଥିଲେ । ସଭାରେ ସ୍କୁଲର ସମସ୍ତ ଶିକ୍ଷକ ଓ ଛାତ୍ରମଣ୍ଡଳ ଏବଂ ଜଣିସ୍ଥ ସାଧାରଣ ଭଦ୍ରବ୍ୟକ୍ତି ଉପସ୍ଥିତ ହୋଇଥିଲେ । ସମୟୋଚିତ ସୁଦୀର୍ଘ ବକ୍ତୃତା ପରେ ବାଳକମାନଙ୍କ ପକ୍ଷରୁ ଗୁରୁଭକ୍ତିର ନିଦର୍ଶନ ସ୍ୱରୂପ ଗୋଟିଏ ରୂପ୍ୟ ପଦକ ଶିକ୍ଷକଙ୍କ ହସ୍ତେ ସମର୍ପିତ ହୋଇ ସଭା ଭଙ୍ଗ ହେଲା । ଏ ପ୍ରକାର ଗୁରୁଭକ୍ତି ଅତ୍ୟନ୍ତ ପ୍ରୀତିକର ଅଟେ ।

ଯେ ଦୁଇଜଣ ମୁସଲମାନ ସ୍ୱୀଟରେ ଉଭି ପୂର୍ବେ କେଥରେ ମଦନ ବହୁଦୂର ଅପରାଧରେ ଅଭିଯୁକ୍ତ ହୋଇ ଥିଲେ ସେମାନଙ୍କ ମଧ୍ୟରୁ ଏକଜଣ ଖଲାସ ଓ ଅନ୍ୟ ଜଣ ଏକମାସ କଠିନ ଦଣ୍ଡ ପାଇଅଛି । ଏବାର ମଦନ ଉତ୍ସବରେ ଶାନ୍ତିଭଙ୍ଗ ହେଲେ ମଙ୍ଗଳର ବିଷୟ ।

ଗତ ସପ୍ତାହର ବୃଷ୍ଟିରେ ଗାଇ କେଉଁଠାରେ ଏବଂ ତରୁଲତାଦିର ବୃଦ୍ଧି ହୋଇ ଭାବ ମନୁଷ୍ୟର ଦିଅ ଦୂର କରୁଅଛି । ଅଣାବୃଷ୍ଟିସ ଜଳ ପାଇ ଚାଷିମାନଙ୍କର ଆଉ ଆନନ୍ଦର ସୀମା ନାହିଁ । ଯଥା ବୃଷ୍ଟି ଦ୍ୱାରା ସମସ୍ତେ ରୁଆ ବେହୁଡ଼ା କାର୍ଯ୍ୟରେ ବ୍ୟସ୍ତ ଅଛନ୍ତି ।

ଏ ବର୍ଷ ଅତି ଅଳ୍ପରେ ମହକୁମାରେ ସହସ୍ରାଧିକ ନମ୍ବର ଉମାଦ ଅର୍ଜିବା ଖଲ ହୋଇଥିବା ବର୍ତ୍ତମାନ ସେ ସମ୍ପତ୍ତି ପ୍ରତି ୬୦ । ୪୦ ନମ୍ବର କଷ୍ଟରେ ନେଇଁ ପଛ ଖଣ୍ଡା ଦୁଇଏକ ନମ୍ବରରେ ପ୍ରାୟ ସମୁଦାୟ ବଦମା ଏକଦଳ ହେଉଛନ୍ତି ।

Digitized by srujanika@gmail.com

Split by PDF Splitter

70



ଏହି ମାସରେ ଏ ଛାତ୍ର ଭର୍ତ୍ତି ସ୍କୁଲମାନଙ୍କରେ ଭର୍ତ୍ତିର ପ୍ରବେଶ ପ୍ରାର୍ଥିତ ହୋଇଥିବାର ଦେଖଯାଇ ନାହିଁ ସ୍ଥାନ ସଙ୍କୁଳାନ ହୋଇ ଜଣ ସେହି ସ୍ଥାନରେ ଉତ୍ଥାନ ସଙ୍କୋଚ କରୁଅଛନ୍ତି ।

ବର୍ତ୍ତମାନ ଖାଦ୍ୟ ଦ୍ରବ୍ୟର ଦୁର୍ମୂଲ୍ୟତା ଯୋଗୁଁ ଯେ ବହୁସଂଖ୍ୟ ଖାଦ୍ୟସାମଗ୍ରୀର ମୂଲ୍ୟ ଅତ୍ୟଧିକ ବୃଦ୍ଧି ହୋଇଅଛି ଏହା ସେ ବାଲେଶ୍ୱର ସହର ସଦର ଏଣା ସାହାକି ଏ ଅଧିବେଶନରେ ଦେଖା ନ ଯାଇ ଅନୁମାନ ହେଉଥିଲା, ନାହିଁ ତାହା ନହୁ ଜଣାଯାଏ ସେମାନଙ୍କର ଦୁଃଖ ସ୍ୱାଭାବିକ ହୋଇ ପଡ଼ିଲାଣି ।

## ପୁରୀ ସମ୍ବାଦ ।

ଏ ସପ୍ତାହରେ ଏଠା କମ୍ପ ବର୍ଷା ନାହିଁ । କେବଳ ଗତ ମଙ୍ଗଳବାର ଦିନବେଳା ସମୁଦ୍ର ଓ ସନ୍ଧ୍ୟାରେ କିଛି ଏକ ଘଣ୍ଟା ଟାଣ ବୃଷ୍ଟି ହୋଇଥିଲା । କିନ୍ତୁ ଏ ବୃଷ୍ଟି ଧାନ୍ୟ ଶସ୍ୟରର ଉପଯୋଗୀ ନୁହେ ।

ଦେଶର ସବୁ ଯାକ ଚାଷ ହୋଇଥିବାରୁ ଶୀଘ୍ର ଜାତ ହେବା ବା ଗଛଟି ବଢ଼ିବାରେ ବୃଷ୍ଟିର ଉପଯୋଗ ଅଛି ଏବଂ ଅତ୍ୟନ୍ତ ଗାଢ଼ କାର୍ଯ୍ୟ ହୋଇଅଛି । ଏଥିପାଇଁ ସରକାରଙ୍କୁ ମଠ-ବାଡ଼ି ଭୋଗମାନ ବନ୍ଦ ଅଛି । ବୃଷ୍ଟିର ଅଭାବ ମହାପ୍ରସାଦ ନ ମିଳିବାରୁ ଦର ବଢ଼ୁଅଛି ଓ ସାଧାରଣର କଷ୍ଟ ହେଉଅଛି । ଯଥା ସମ୍ଭବ ଶେଷ କାର୍ଯ୍ୟ ଶୀଘ୍ର ଶେଷ କରିବା ସକାଶେ ଚେଷ୍ଟା ଚାଲିଅଛି ।

ଅତ ହାଟ ମୋଟ ଚାଉଳ ଟଙ୍କାକୁ ସେ ୭।୮ ର ଏବଂ ସରୁ ସେ ୫।୬ ର ମିଳୁଅଛି ।

## କଲିକତାର ସମ୍ବାଦ ।

ରଜାଙ୍କର ଗୋଟିଏ ଝିଅଦ୍ୱାରା ଏକ ଲୁଗାର ସାମଗ୍ରୀ ଦେଇ ଯାଇଥିଲା । ରଜା ବାହାଦୂର ତାହାକୁ କରି ଦେଇଥିବା ମାଲ ସହିତ ପୁଣ୍ୟଧନ ୫ ଜଣ ଧରିଥିଲେ । ସୁରାଗ ମିଥ୍ୟା କି ଅଭିଯୋଗ ଛେଡ଼ି ଦିଅଯାଇଛି । ମାଲ ସହିତ ଅନ୍ୟମାନେ ଧରାପଡ଼ିଥିଲେ କିପରି ମିଥ୍ୟା ହେବ ବୁଝାଯାଉ ନାହିଁ । ଦେଓ୍ୱାନ ବାବୁ ପ୍ରକୃତ ଘଟଣା ବୁଝିବେ କି ?

ବର୍ଷା ଅଭାବରୁ ଧାନ ବିଲକ୍ଷଣ ହୋଇ ପାରୁ ନାହିଁ ।

ବାବୁ ଶ୍ରୀବତ୍ସମାଧବ ସିଂହ କଲିକତାରୁ ଫେରିବା ସମୟରେ ଗୋଟିଏ ନୂତନ ବୋଟର ଗାଡ଼ି ଆଣିଅଛନ୍ତି ଯାହାକି ସହରରେ ଚଳୁଅଛି ।

## ସାଧାରଣ ସମ୍ବାଦ ।

ବଳିଷ୍ଟ ଜାହାଜରେ ବୋମାଯାଇ ଯେ ଦୁର୍ଘଟଣା ହୋଇ ଏହା ଭର୍ତ୍ତିରେ ବୋମାଗୋଳା ଜମିଣ ନିକ୍ଷେପଣକାରୀ ଲୋକ ହତ ହୋଇଥିବାର ଦେଖାଗଲା । ଅଙ୍ଗ୍ରେଜ-ମାନେ ପ୍ରାୟ ଭୂମି ସଣ୍ଢାବାଳ ଅବାଧ ମାର୍ଗରେ ଯାଇ ଅଛନ୍ତି, ନିକୋଲସ, ଲବୁତ୍ୱାଣୀଠ ନାମ୍ବା ପ୍ରକାର ରୂପରେ ଗଡ଼ କାମ୍ବାର ବିଦ୍ର ସନ୍ନିବେଶରେ ବାବୁର କରାଇବ ସଙ୍ଗରେ ସଣ୍ଢାକରେ ସ୍ୱାର୍ଥ ବାରମାଇଲ ବେଗରେ ବୋମାଯାନ ଉଡ଼ାଇ ବେଲଜିୟମ ଜର୍ମାନ ଶିବିରରେ ଅବତରଣ କରିଥିଲେ

---

## ପତ୍ରପ୍ରେରକଙ୍କ ପ୍ରତି ।

ଉଦୟପୁର ଶ୍ରୀ କୃଷ୍ଣ ଚନ୍ଦ୍ରଣ ମହାପାତ୍ର —ଜାତି ସହିତ ଲୁହା ଏହା ଜବଦା ପ୍ରକାଶ ଯୋଗ୍ୟ ନୁହେ

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

---

ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ ।

ମହାଶୟ !

ଗତମାସ ତା ୪ ରଖ ଦିନ ପାଟନା ଡିଭିଜନର ମାଜିଷ୍ଟ୍ରେଟ ମହୋଦୟ ଗୋଶାଳା ପରିଦର୍ଶନ କରି ତତ୍ସମ୍ବନ୍ଧରେ ଯେଉଁ ମନ୍ତବ୍ୟ ପ୍ରକାଶ କରି-ଅଛନ୍ତି ତାହା ଏଥିସଙ୍ଗେ ପଠାଇ ଅନୁରୋଧ କରୁଅଛୁଁ କି ଆପଣ ଅନୁଗ୍ରହପୂର୍ବକ ତାହା ପତ୍ରି-କାରେ ପ୍ରକାଶିତ କରିବା ହେବେ । ଇତି ।

ମନ୍ତବ୍ୟ ଯଥା—

" Visited the Goshala today 8 A. M. I think I can help by presenting a young Patna bull to the institution, which will show my appreciation of the work being done in an effective manner there are no less than 216 animals and it is clear that every care is bestowed on them "

Sd. A. Garrett.
4-8-07

## ଅନୁବାଦ

" ଅଜି ସକାଳ ୮ ଘଣ୍ଟା ବେଳେ ଆମ୍ଭେ ଗୋଶାଳା ପରିଦର୍ଶନ କଲୁଁ । ଗୋଶାଳାର ସାହାଯ୍ୟ ସକାଶେ ଆମ୍ଭେ ଗୋଟିଏ ଅଳ୍ପବୟସ୍କ ପାଟନା ଷଣ୍ଢ ପ୍ରଦାନ କରିବୁଁ ଓ ତାହାଁରୁ ଏହି କାର୍ଯ୍ୟ ପ୍ରତି ଆମ୍ଭର ଅନୁକୂଳ ଅଭିମତ ଉତ୍ତମ-ରୂପେ ପ୍ରକାଶ ପାଇବ । ବର୍ତ୍ତମାନ ଗୋଶାଳାରେ ୨୧୬ଟି ଗୋରୁ ଅଛନ୍ତି ଓ ସେମାନଙ୍କର ସକଳ ପ୍ରକାର ଯତ୍ନ ନିଆଯାଉଥିବାର ସ୍ପଷ୍ଟ ଜଣା ଯାଉଅଛି ।

ବଶମ୍ବଦ

| | |
|---|---|
| ୭।୮।୦୭ କଟକ | ଶ୍ରୀ ଗୋପାଳଚନ୍ଦ୍ର ପ୍ରହରାଜ ସେକ୍ରେଟେରୀ ଉତ୍କଳୀୟ ଗୋରକ୍ଷିଣୀ ସଭା |

---

ଉତ୍କଳଦୀପିକାର ସମ୍ପାଦକ ମହାଶୟ
ସମୀପେଷୁ

ସବିନୟ, ସବିନୟ ନିବେଦନ !

ସଭ୍ୟ ଓ ଉନ୍ନତ ସମାଜର ନିଦର୍ଶନ, ଜାତୀୟ ସାହିତ୍ୟ । ଯେ କୌଣସି ସମାଜର ଅବସ୍ଥାଦର୍ଶନ ତାହାର ତତ୍ ସେହି ସେହି ସମାଜର ଜାତୀୟ ସାହିତ୍ୟରେ ପ୍ରକଟିତ । ସୁଜଳା, ସୁଫଳା, ସହସ୍ର ସହସ୍ର କର୍ମବୀର ଓ ଧର୍ମବୀରଗଣଙ୍କ ଲୀଳାଭୂମି ପବିତ୍ର ଉତ୍କଳ ଭୂମିରେ ଜାତୀୟ ସାହିତ୍ୟର ଅଥବା ପୂର୍ବ ଗୌରବର ନିଦର୍ଶନ ପୁସ୍ତକ ତାଳିକାର ଅଭାବ ନାହିଁ ।

ବହୁଶତ ବର୍ଷରୁ ଶତ ଶତ ସାହିତ୍ୟସେବୀ ଉତ୍କଳ ସାହିତ୍ୟର ସେବା କରି ଧନ୍ୟ ହୋଇ ଥିଲେ । ସେମାନେ ଉତ୍କଳର ଜାତୀୟ ସାହିତ୍ୟରେ ଯେ ଜ୍ଞାନ ଓ ଉନ୍ନତ ଚିନ୍ତାଶୀଳ ପରିଚୟ ଦେଇ ଯାଇଅଛନ୍ତି ତହିଁରେ ଉତ୍କଳ-ବାସୀ ମାତ୍ରେ ଆପଣାକୁ ଗୌରବାନ୍ୱିତ ମନେ କରିବେ ଏଥିରେ ସନ୍ଦେହ ନାହିଁ । କିନ୍ତୁ ନିତାନ୍ତ ପରିତାପର ବିଷୟ ଉତ୍କଳର ସେହି ଭୂତପୂର୍ବ ଜଗତ ଖ୍ୟାତିର ଓ ଅସାଧାରଣ ଶକ୍ତି ସମ୍ପନ୍ନ କବିଗଣଙ୍କର ପରିଚୟ ଦେବା ନିମନ୍ତେ ଏପର୍ଯ୍ୟନ୍ତ ଖଣ୍ଡିଏ ମଧ୍ୟ ପୁସ୍ତ ଇତିହାସ ରଚିତ ହୋଇ ନାହିଁ ।

ଉପଯୁକ୍ତ ଆଲୋଚନାର ଅଭାବରୁ ବିଶେଷତଃ ମୁଦ୍ରାଯନ୍ତ୍ରର ପ୍ରଭାବରୁ, ହସ୍ତଲିଖିତ ପୋଥି ସମସ୍ତ କ୍ରମେ ଅପ୍ରଚଳିତ, ଅଯତ୍ନ ଜନିତ କୀଟଦଷ୍ଟ ଓ ଶତ ଶତ ଗ୍ରନ୍ଥ ଧ୍ୱଂସ ମୁଖରେ ପତିତ ହେଉ ଅଛି । ଶୀଘ୍ର ରକ୍ଷାର ଉପାୟ ନ କଲେ ଗଲେ ଏକ ସମୟରେ ଅଧିକାଂଶ ପୋଥିମାନଙ୍କର ଚିହ୍ନ-ମାତ୍ର ମିଳିବ ନାହିଁ । ଏହି କାରଣରୁ ଉତ୍କଳର ପୁରାତତ୍ତ୍ୱ ଉଦ୍ଧାରର ସହିତ ଉତ୍କଳ ସାହିତ୍ୟର ପବିତ୍ର ସ୍ମୃତି ରକ୍ଷା କରିବା ନିମିତ୍ତ ପରମ ଶ୍ରଦ୍ଧା-ସ୍ପଦ ମହାମାନ୍ୟ ଶ୍ରୀଲ ମହାରାଜା ମୟୂରଭଞ୍ଜ ପତି ଖଣ୍ଡିଏ ଉତ୍କଳ ସାହିତ୍ୟର ଇତିହାସ ସଙ୍କଳନ କରିବାର ସଙ୍କଳ୍ପ କରିଅଛନ୍ତି । ମହାଶୟ, ଜାତୀୟ ଗୌରବ ରକ୍ଷା ନିମନ୍ତେ ସ୍ୱୟଂ ଅଥବା ଅପର କୌଣସି ଉପଯୁକ୍ତ ବ୍ୟକ୍ତିଦ୍ୱାରା ମହାଶୟଙ୍କ ନିଜ ସଂଗୃହୀତ ବା ଅପରଙ୍କ ସଂଗୃହୀତ ପ୍ରାଚୀନ ଯେ ରୂପ ସମ୍ଭବ ବୋଧକରନ୍ତି ଉତ୍କଳ ଭାଷାରେ ରଚିତ ପ୍ରାଚୀନ ପୋଥିର ଅନୁସନ୍ଧାନ କରିବାର ଅପର ପଙ୍କ୍ତିରେ ଲିଖିତ ପ୍ରଶ୍ନାନୁକ୍ରମେ ସେ କେତେକ ପ୍ରଶ୍ନର ସମ୍ବନ୍ଧ ପ୍ରତ୍ୟେକ ଉତ୍କଳ ପୋଥିର ପରିଚୟ ଦାନ କରି କୃତାର୍ଥ କରିବେ । ନିମ୍ନସ୍ୱାକ୍ଷରକାରୀଙ୍କ ନାମରେ ଉପରୋକ୍ତ ଠିକଣାରେ ଅଥବା ଶ୍ରୀ ଶ୍ରୀ ମହାରାଜ ବାହାଦୂରଙ୍କ ଦରବାର ମୟୂରଭଞ୍ଜର ରାଜଧାନୀ ବାରିପଦାକୁ ପଠାଇବାକୁ ହେବ ।

ସଂଗୃହୀତ ପୋଥି ଉଦ୍ଧାରରେ ଜାତୀୟ କୃତଜ୍ଞ ପାରି-ଶ୍ରମିକ ବନ୍ଦୋବସ୍ତ କରାଯାଇ ପାରିବ ।

Digitized by srujanika@gmail.com

ଯଦି କେହି ଅନୁଗ୍ରହ ପୂର୍ବକ ସ୍ଥାନୀୟ ଉତ୍କଳ ପୋଥି ସଂଗ୍ରହ କରି ପଠାଇ ପାରନ୍ତି ତାହାଙ୍କ ଇଚ୍ଛା ହେଲେ ଗଭର୍ଣ୍ଣମେଣ୍ଟରୁ ତାହାଙ୍କୁ ପାରିତୋଷିକ ଦିଆଯିବ ।

ପୁସ୍ତକ ସମ୍ବନ୍ଧରେ ଅପର ପ୍ରଶ୍ନାବଳୀ ଏଥି ସଙ୍ଗେ ପଠାଗଲା ଯେତେଦୂର ସମ୍ଭବ ଉତ୍ତର ମାନଙ୍କରି କୃତାର୍ଥ କରିବା ହେବେ ।

ଭବଦୀୟ ।

ଶ୍ରୀ ନଗେନ୍ଦ୍ରନାଥ ବସୁ ।

ବିଶ୍ୱକୋଷ ସମ୍ପାଦକ ଓ ମୟୂରଭଞ୍ଜ ଷ୍ଟେଟ ସରକାର ପ୍ରତ୍ନତତ୍ତ୍ୱ ସଂଗ୍ରହ ବିଭାଗର ଅବୈତନିକ କାର୍ଯ୍ୟ-ପରିଚାଳକ ।

☞ ସ୍ଥାନାଭାବ ବଶତଃ ଏଥି ଲିଖିତ ପ୍ରଶ୍ନମାନ ... ଅକ୍ଷମ ହେଲୁଁ । ଯେଉଁମାନଙ୍କ ଉତ୍ତର ଦେବାକୁ ଇଚ୍ଛା ହେବ ସେମାନେ ସମ୍ପାଦକଙ୍କ ନିକଟରୁ ... ଲେ ସେ ସମସ୍ତ ପାଇ ପାରିବେ ।—ସଂ

## ମୂଲ୍ୟପ୍ରାପ୍ତି ।

| | |
|---|---|
| ... ରଘୁନାଥ ପାଟଯୋଷୀ ମୁକୁନ୍ଦ । | ଟ ୬ |
| ନୀଳମଣି ଦାସ ମାହାଙ୍ଗା | ଟ ୪ |
| ଶ୍ରୀ ବିଶ୍ୱନାଥ ଦାସ ... | ଟ ୬ |
| ଭାଗବତ ପ୍ରସାଦ ମହାପାତ୍ର ଉତ୍ତରଶ | ଟ ୩ |
| କାଳିଦାସ ମିଶ୍ର ସାରଙ୍ଗପୁର | ଟ ୧ |
| ... ଉତ୍କଳ କଲେଜ, ବଲାସୋର | ଟ ୩ |
| ପଞ୍ଚାନନ ଦାସ ଗାନ୍ଧିପୁର | ଟ ୩ |
| ଜାନକୀବଲ୍ଲଭ ଦତ୍ତ, ବାଲେଶ୍ୱର | ଟ ୪ ୮ |
| ଘନଶ୍ୟାମ ମହାନ୍ତି ... | ଟ ୩ |
| କୃଷ୍ଣ ପ୍ରସାଦ ପଣ୍ଡା, ମାଛଗାଁ | ଟ ୩ |
| ... ମିଶ୍ର ... | ଟ ୧ |
| ରାଧାଚରଣ ପଟ୍ଟନାୟକ ଶୁକଦେବପୁର | ଟ ୬ |
| ଗୋପୀନାଥ ... ସାନ୍ତିମିଠି ... | ଟ ୦ ୮ |
| ... ଦାସ ... କଟକ | ଟ ୩ |
| ... ଗୋସ୍ୱାମୀ ... | ଟ ୬ |
| ... | ଟ ୦ ୮ |
| ... ଦାସ ... | ଟ ୨ |
| ... କଟକ | ଟ ୩ |
| ... କଟକ | ଟ ୧ |
| ... ଚୌଧୁରୀ ... | ଟ ୬ |
| ... ମୋହନ ... ଦେଓ ... ପୁର | ଟ ୩ |
| ... | ଟ ୬ |
| ... ମୟୂରଭଞ୍ଜ | ଟ ୩ |
| ... ତ୍ରିପାଠୀ, ... | ଟ ୩ |
| ... ଦାସ କଟକ | ଟ ୧ |
| ... , କଟକ | ଟ ୩ |
| ... ମହାନ୍ତି ... | ଟ ୩ |
| ... | ଟ ୩ |
| ... ମିଶ୍ର କଟକ | ଟ ୧ |
| ... ଜାଜପୁର | ଟ ୩ |
| ... ପ୍ରସାଦ ଦେଓ ... | ଟ ୩ |
| ... | ଟ ୩ |
| ... | ଟ ୨ |
| ... ଦାସ ... | ଟ ୨ |
| ... ମହାନ୍ତି ... | ଟ ୪ |

## ବିଜ୍ଞାପନ ।

ଏତଦ୍ଦ୍ୱାରା ସର୍ବସାଧାରଣମାନଙ୍କୁ ଜଣାଉଅଛୁ ଯେ କଲିକତା ଯୋଡ଼ାସାଙ୍କୋ ନିବାସୀ ଶ୍ରୀଯୁକ୍ତ ବାବୁ ହିତେନ୍ଦ୍ରନାଥ ଠାକୁର ଓଗେର ଜମିଦାର ମହାଶୟମାନଙ୍କର ଜମିଦାରୀ କଟକ ଜିଲ୍ଲାର ଅଧୀନ ତିରତୋଲ ଥାନାର ଅନ୍ତର୍ଗତ ପ୍ରଗନେ ତରଣ ନ ୧୩୮୪ ମୁର ଭଉଜକୃତ୍ତ ତାଲୁକ ପଣ୍ଡୁଆ ଓ ସାଲେପୁର ଥାନାର ଅନ୍ତର୍ଗତ ପ୍ରଗନେ ସାଇବା ନ ୧୯୭ମ ଲ ଭଉଜକୃତ୍ତ ତାଲୁକ ପଦ୍ମନାଭପୁର ଓ ଜଗତସିଂହପୁର ଥାନାର ଅନ୍ତର୍ଗତ ପ୍ରଗନେ ହରିହରପୁର ନ ୨୧୭୩ ମୁର ଭଉଜକୃତ୍ତ ତାଲୁକ ବାଲିସ୍ଥାମାନଙ୍କର ଜମିଦାରୀ ସଂକ୍ରାନ୍ତ କାର୍ଯ୍ୟ ଓ ତଦନ୍ତର୍ଗତ ମଧ୍ୟସ୍ଥ ଓ ଠେକାଦାର ଓଗେର କାର୍ଯ୍ୟମାନ ନିର୍ବାହ କରିବା ନିମନ୍ତେ ଜିଲ୍ଲା ୨୪ ପ୍ରଗନ୍ନା ଥାନା ଅଲିପୁର ବେହେଲା ଗ୍ରାମନିବାସୀ ମୃତ ଜାନକୀନାଥ ମୁଖୋପାଧ୍ୟାୟ ମହାଶୟଙ୍କ ପୁତ୍ର ବାବୁ ଦେବେନ୍ଦ୍ରନାଥ ମୁଖୋପାଧ୍ୟାୟ ମହାଶୟ

# ସର୍ବମେନେଜର ଓ ଆମମୋକ୍ତାର

ନିଯୁକ୍ତ ଥିଲେ ସେ ଉତ୍କଳ ସନ ୧୩୧୪ ସାଲ ଫଗୁଣମାସ ତା ୯ ଲଖ ମୁତାବକ ଇଂରାଜୀ ତା ୨୦ ଲଖ ଫେବୃୟାରୀ ସନ ୧୯୦୭ ମସିହା ଓ ବଙ୍ଗଲା ସନ ୧୩୧୩ ସାଲ ଫଗୁଣମାସ ତା ୮ ଲଖରୁ ସର୍ବମେନେଜର ଓ ଆମ ମୋକ୍ତାର ପଦରୁ

# ଅବସର

ହୋଇଅଛନ୍ତି ସେହି ଦିନଠାରୁ ଉକ୍ତ ତାଲୁକମାନଙ୍କର ଓ ଷ୍ଟେଟ ସମ୍ବନ୍ଧୀୟ ଠେକାଦାର ଓଗେର ସମସ୍ତ ପ୍ରକାର କାର୍ଯ୍ୟପକ୍ଷେ ତାହାଙ୍କର

# ସମ୍ବନ୍ଧ ଓ କ୍ଷମତା ରହିତ ହୋଇଅଛି

ଉଲ୍ଲିଖିତ ଦିନଠାରୁ ଷ୍ଟେଟ ସମ୍ବନ୍ଧୀୟ ଓ ସମ୍ବନ୍ଧୀୟ ତାହାଙ୍କର କୃତକାର୍ଯ୍ୟନିମନ୍ତେ ଜମିଦାର ମହାଶୟମାନେ

# ଦାୟୀ ଓ ବାଧ୍ୟ ହେବେ ନାହିଁ

ଉକ୍ତ ଫେବୃୟାରୀ ମାସ ତା ୨୦ ଲଖରୁ ଆମ୍ଭ ସ୍ୱାକ୍ଷରକାରୀ ସର୍ବମେନେଜର ପଦରେ ନିଯୁକ୍ତ ହୋଇଅଛନ୍ତି ଓ ପୂର୍ବର ଆମ ମୋକ୍ତାର ପଦେ ନିଯୁକ୍ତ ଅଛନ୍ତି ।

ଶ୍ରୀ ନବୀନଚନ୍ଦ୍ର ମଜୁମଦାର

## ବଜାର ଦର ।

ଟଙ୍କା ଦର ।

| | | |
|---|---|---|
| ଚିକଣ ଚିନି | ମ ୧ ଟ ୨୫ | ସେ ୧ ଟ ୧॥ |
| କୃଷ୍ଣଲୀଳା ଚିନି | ମ ୧ ଟ ୪୧ | ସେ ୧ ଟ ୧ |
| ମଇଦା | ମ ୧ ଟ ୭ | ସେ ୧ ଟ ୦ ⁄ |
| ୨ ନମ୍ବର ମଇଦା | ମ ୧ ଟ ୬⁄ | ସେ ୧ ଟ ୦ ⁄୧ |
| ବୁଟ ଡାଲି | ମ ୧ ଟ ୭ | ସେ ୧ ଟ ୦ ⁄ |
| ଦେଶୀ ଡାଲି | ମ ୧ ଟ ୭ | ସେ ୧ ଟ ୦ ⁄ |
| ଅରୁଆ ଚାଉଳ | ମ ୧ ଟ ୬ | ସେ ୧ ଟ ୦ ⁄ |
| ବାଟରା | ମ ୧ ଟ ୫ | ସେ ୧ ଟ ୦ ⁄ |
| ଚଣକ | ମ ୧ ଟ ୧୦ | ସେ ୧ ଟ ୦ ⁄ |
| ଗହମ | ମ ୧ ଟ ୧ | ସେ ୧ ଟ ୦ ⁄ |
| ଚନ୍ଦନ ମିଶ୍ରି | ମ ୧ ଟ ୧ | ସେ ୧ ଟ ୦ ⁄ |
| ଦଣ୍ଡା ମିଶ୍ରି | ମ ୧ ଟ ୧ | ସେ ୧ ଟ ୦ ⁄ |
| ଗୋଲମରିଚ | ମ ୧ ଟ ୯ | ସେ ୧ ଟ ୦ ⁄ |
| ଗୁଡ଼ ଖାଣ୍ଡ | ମ ୧ ଟ ୬⁄ | ସେ ୧ ଟ ୦ ⁄ |
| କାଶ୍ମୀରୀ ହଳଦୀ ଖାଣ୍ଡ | ମ ୧ ଟ ୭⁄ | ସେ ୧ ଟ ୦ ⁄ |
| ଶୁଦ୍ଧ ଘିଅ | ମ ୧ ଟ ୩୦ | ସେ ୧ ଟ ୦ ⁄ |
| ବାଦାମ ତେଲ | ମ ୧ ଟ ୨୨ | ସେ ୧ ଟ ୦ ⁄ |
| କାଞ୍ଚନ ସୋରିଷ ତେଲ | ମ ୧ ଟ ୨୪ | ସେ ୧ ଟ ୦ ⁄ |
| କଲିକତା ସୋରିଷ ତେଲ | ମ ୧ ଟ ୨୩ | ସେ ୧ ଟ ୦ ⁄ |
| ବୋତଲ ନଡ଼ିଆ ତେଲ | ମ ୧ ଟ ୨୦ | ସେ ୧ ଟ ୦ ⁄ |
| କଲମ୍ବ ନଡ଼ିଆ ତେଲ | ମ ୧ ଟ ୨୩ | ସେ ୧ ଟ ୦ ⁄ |
| କିରାସିନି ତେଲ | ମ ୧ ଟ ୧୮ | ସେ ୧ ଟ ୦ ⁄ |
| ବିଲାତି ହାତୀମାର୍କା | ୧ ଶହ | ଟ ୧⁄ |
| ବିଲାତି ଗୋଲମୋହର | ୧ ଶହ | ଟ ୧⁄ |
| ବିଲାତି ଗଣେଶମାର୍କା | ୧ ଶହ | ଟ ୧⁄ |
| ସୂତା | ୧ ଗାଇଟ | ଟ ୦⁄ |

୨୧।୭।୦୭ ପ୍ରଚେତ ଦଳାଇ

## ବିଜ୍ଞାପନ ।

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଉଅଛୁଁ ଯେ ଆମ୍ଭ ନିକଟରେ ନିମ୍ନଲିଖିତ ସବାରି ଓ ଯାନବାହନମାନ ବିକ୍ରି ନିମନ୍ତେ ପ୍ରସ୍ତୁତ ଅଛି । ଯଥା;—

ବଡ଼ ସବାରି ଫୁ ୬+୩, ଦୋହରି କବାଟ ମଗର ଓ ଚଡ଼ାଘୋଡ଼ଥ ଲଗନ, ଗଦି ଷ୍ଟିଲର ସହିତ ଏବଂ ଛତର ଓ ଛାତରେ

| | | |
|---|---|---|
| | ସାଟିନ ଲୁଗା ମଡ଼ା | ଟ ୨୦୦୧ |
| ,, | ଛିଟ ଲୁଗାମଡ଼ା | ଟ ୧୦୦୧ |

ସାଧାରଣ ସବାରି ଗମ୍ଭାରି କାଠର ସବାରି

| | | |
|---|---|---|
| ଲମ୍ବ ଫୁ ୬-୧୦ × ଫୁ ୨-୧ ଇ | ଟ | ୨୫୧ |
| ,, | ୬-୨ × ୨-୨ | ଟ ୨୦୧ |
| ,, | ୬ × ୨-୨ | ଟ ୧୬୧ |

ଏହା ଛଡ଼ା ଅନ୍ୟ ବାଛେ କାଠର ସ୍ୱାରି ଏହି ମାପର ହେଲେ ୨୫୧ ସ୍ଥଳେ ଟ ୧୮ ଟ ୨୦୧ ସ୍ଥଳେ ଟ ୧୭ ଏବଂ ଟ ୧୬୧ ସ୍ଥଳେ ଟ ୧୩ ହାରରେ ମିଳିବ । ଅଧିକନ୍ତୁ ଯାହାଙ୍କର ଯେଉଁ ପ୍ରକାର ସବାରି ଓ ଯାନବାହନ ଫରମାସ ହେବ ସେପରି ଶୀଘ୍ର ତିଆରି କରି ଦେବୁଁ । ନିମ୍ନଲିଖିତ ଠିକଣାରେ ଲେଖିବାକୁ ହେବ ।

୨୧।୭।୦୭

ଶ୍ରୀ ମାଗୁଣି ମହାରଣା
କଟକ ପ୍ରିନ୍ସିପାଲ୍ ମିସନସ୍କୁଲ
ନିକଟ ଦରଘାବଜାର

Split by PDF Splitter

Digitized by srujanika@gmail.com